ଶସପୁ
ଶାସପିତୁ

Digitized by srujanika@gmail.com

ମନର ମାନଚିତ୍ର

ଶ୍ରୀ ବ୍ରଜନାଥ ରଥ

ଗ୍ରନ୍ଥ ମନ୍ଦିର

Digitized by srujanika@gmail.com

ପ୍ରକାଶକ : ଅଭିରାମ ମହାପାତ୍ର

ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ଗ୍ରନ୍ଥମନ୍ଦିର, ମେନ୍‌ରୋଡ଼, ବ୍ରହ୍ମପୁର

ମୁଦ୍ରକ : ବ୍ରଜନାଥ ରଥ

ବିଶ୍ୱଶ୍ରୀ ପ୍ରେସ, ବାଲେଶ୍ୱର

ପ୍ରଚ୍ଛଦ ଶିଳ୍ପୀ : ପ୍ରବୀରକୁମାର ଦାସ

ପ୍ରଥମ ପ୍ରକାଶ : ଡିସେମ୍ବର, ୧୯୮୩

୬୦୦ ଖଣ୍ଡ

ମୂଲ୍ୟ : ଟ ୧୬.୦୦

ସାଦା ବନ୍ଧେଇ : ଟ ୧୪.୦୦

Digitized by srujanika@gmail.com

"ମୁଁ ଏଠାରୁ ଚାଲିଯିବା ପରେ
ଦିନେ ପୁଣି ଆସିବ ମୁଁ ଫେରି
ଦୁର୍ଭାଗା ତାପର ହସେ
ନୀଳପଦ୍ମ ନୟନ ବିଳାସେ
ଶିଶୁର ଲଳିତ କଣ୍ଠେ
ଚଞ୍ଚଳ ମୁଖରିତ କରି ।।

ଫେରି ମୁଁ ଆସିବ ପୁଣି
ପୃଥିବୀର ପଥେ ପଥେ
କୋଟି କୋଟି ମଣିଷର
ପଦଶବ୍ଦ ମନ୍ଦ୍ରିତ ଝଙ୍କାରେ—
ସହସ୍ର ଶତାବ୍ଦୀ ଧରି ;
ମୁଁ ଏଠାରୁ ଚାଲିଯିବା ପରେ ।।"

Digitized by srujanika@gmail.com

ମୋ କଥା : କବିତାର କଥା

ଗୋଟିଏ ଦେଶର ମାନଚିତ୍ର ବା ପ୍ରାକୃତିକ ସୀମାରେଖା ଆଙ୍କିବା ହୁଏତ ଅପେକ୍ଷାକୃତ ସହଜ, କିନ୍ତୁ ଏଇ ରହସ୍ୟଘନ ମନର ମାନଚିତ୍ର ଆଙ୍କିବା ଏତେ ସହଜ ବ୍ୟାପାର ନୁହେଁ । ଏବେ ଯିଏ ନିଜ ଜନ୍ମମାଟି ଓଡ଼ିଶା ବା ଜନ୍ମଭୂମି ଭାରତବର୍ଷର ମାନଚିତ୍ରଟିଏ ଆଙ୍କିବାକୁ ଯାଇ ବହୁବାର ଚେଷ୍ଟାକରି ଥର ଥର ହାତରେ କେବଳ କିମ୍ଭୂତକିମାକାର ଚିତ୍ରମାନ ଆଙ୍କିଛି ସିନା, ଓଡ଼ିଶା ବା ଭାରତବର୍ଷର ପ୍ରକୃତ ରୂପକୁ ରେଖାଙ୍କିତ କରି ପାରିନାହିଁ, ସେଭଳି ଏକ ଅସଫଳ ହାତ ପୁଣି ମନ ଭଳି ଏକ ଚିରଚଞ୍ଚଳ ଅଦେହୀ ବସ୍ତୁର ମାନଚିତ୍ର ଆଙ୍କିବାକୁ ସମର୍ଥ ହେଲା କେମିତି ଏହା ହୁଏତ ଅନେକଙ୍କ ଆଗରେ ପ୍ରଶ୍ନବାଚୀ ହୋଇ ଛିଡ଼ାହୋଇ ପାରେ । ତଥାପି ମୁଁ କଲମ ଧରିଛି, ସାହସ ବାନ୍ଧିଛି ଏବଂ ମନର ମାନଚିତ୍ର ଆଙ୍କି ଚାଲିଛି ଆଜକୁ ପ୍ରାୟ ୩୫ ବର୍ଷ ହେଲା । କେବଳ ମୋ ମନର ମାନଚିତ୍ର ନୁହେଁ, ମୋ ଆଖିର ପରିଧିରେ ଘୂରି ବୁଲୁଥିବା, ମୋ ସ୍ମୃତିର ପରଦାରେ ଭାସି ଉଠୁଥିବା ଏବଂ ମୋ ହୃଦୟର ଦର୍ପଣରେ ପ୍ରତିବିମ୍ବିତ ହେଉଥିବା ଅସଂଖ୍ୟ ମନର ମାନଚିତ୍ର ।

ଏଇ ମନ, ଯାର ରୂପ ନାହିଁ, ଯାର ସୀମା ନାହିଁ, ଯାହା ଚିରଚଞ୍ଚଳ, ମଧୁ ରାଓଙ୍କ ଭାଷାରେ 'ଅଚିନ୍ତ୍ୟମୟ ଅଟେ ତାର ଶକତି' । ଯିଏ ପୁଣି 'ଜିଣଇ ସହଜରେ ମନୁଷ୍ୟ ମତି/ ପ୍ରଭଞ୍ଜନର ବେଗ, ଆଲୋକ ଗତି ।' ସେଇ ମନ—ବଡ଼ ବିଚିତ୍ର, ବଡ଼ ରହସ୍ୟମୟ । କିନ୍ତୁ ତାକୁଇ ନେଇ ପ୍ରତ୍ୟେକ କବି-ଲେଖକଙ୍କର ଯେତେ ନଥିଲା କାରବାର, ସେତେ ଅବ୍ୟାପାର । ସେଇ

Digitized by srujanika@gmail.com

ରୂପହୀନ ମନକୁ ନେଇ ଯେତେ ରୂପର ବ୍ୟଞ୍ଜନା, ସେଇ ସୀମାହୀନ ମନକୁ ନେଇ ଯେତେ ସୀମାବଦ୍ଧ ଲେଖା ବା ଚିତ୍ରର ପରିକଳ୍ପନା । ମୁଁ ବା ସେଥିରୁ ବାଦ ଯାଇଥାନ୍ତି କପରି ? ତେଣୁ ସନ୍ଧାନ ହେଲି ଆଙ୍କି ଚାଲିଛି ଏଇ ରହସ୍ୟଘନ -- ଅମାନିଆ ମନର ମାନଚିତ୍ର । ହେଉଥିବାରେ ହିଁ ମୋର ପରମ ସନ୍ତୋଷ—ଚରମ ଆନନ୍ଦ ।

ଗୋଟିଏ ଦେଶର ମାନଚିତ୍ରରେ ଯେପରି ଅସଂଖ୍ୟ ନଦ ନଦୀ, ସହର ନଗର, ପାହାଡ଼ ଜଙ୍ଗଲ, ମରୁଭୂମି, ଶ୍ୟାମଳ ଉପତ୍ୟକା, ଖଣି ଖାଦାନ, ବନ୍ଦର ରାଜଧାନୀ ଇତ୍ୟାଦି ଚିହ୍ନିତ ହୋଇଥାଏ ସେହିଭଳି ବହୁ ବିଚିତ୍ର ଅନୁଭୂତ ଓ ଅବଧାରଣାର ଚିତ୍ର ଯାହା ଯେତେବେଳେ ମୋତେ ପ୍ରଚଣ୍ଡ ଭାବରେ ଆକ୍ରମଣ କରିଛି ତାହାକୁ ରୂପ ଦେବାକୁ ଚେଷ୍ଟା କରିଛି ମୋର ଏଇ 'ମନର ମାନଚିତ୍ର'ରେ, ଏବଂ ସେଇ ଅଙ୍କିତ ମାନଚିତ୍ର କେତେଦୂର ନିର୍ଭୁଲ ଓ ସଫଳ ହୋଇ ପାରିଛି ଏବଂ ତାର ସୀମାରେଖା କେତେ ବ୍ୟାପକ ହୋଇ ପାରିଛି ତାର ବିଚାରକ ଆପଣମାନେ, ଯେଉଁମାନେ କି ମୋ କବିତାର ରସଗ୍ରାହୀ-ଦରଦୀ ପାଠକ ।

ପୃଥିବୀରେ ପ୍ରତିଟି ମଣିଷର ମନ ତାର ଏକାନ୍ତ ନିଜର ଏବଂ ଏକାନ୍ତ ଆପଣାର ହେଲେବି ପ୍ରତ୍ୟେକ ମନ ସହିତ ପ୍ରତ୍ୟେକ ମନର ଥାଏ ସୂକ୍ଷ୍ମ ଯୋଗସୂତ୍ର ଏବଂ ନିବିଡ଼ ସମ୍ପର୍କ । କବି, ଲେଖକ ବା ଶିଳ୍ପୀର ମନ ଖାଲି ତାର ଏକା ନୁହେଁ । ତା 'ମନର ପ୍ରଦୀପରେ ରଶ୍ମି ରଶ୍ମି ଜଳେ/ପୃଥିବୀର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ/ ସହସ୍ର ମନର ଶତ ପ୍ରଜ୍ଜ୍ୱଳିତ ଦୀପ୍ତ ଦୀପଶିଖା' ଏବଂ ତା 'ମନର ଛନ୍ଦରତା ନଦୀର କଲ୍ଲୋଳେ/ ଅସଂଖ୍ୟ ମନର ନଈ, ଝର ଉର୍ମିମୟୀ/ ଆସି ଆସି ନିତ ପ୍ରତି ହୁଅନ୍ତି ସାମିଲ' । 'ଏ ମାଟିର ସକଳ ମନର/ ସେ ମହା-ସଙ୍ଗମ ସ୍ଥଳ ସେ ମହା-

Digitized by srujanika@gmail.com

ତ୍ରିବେଣୀ ।' ତେଣୁ କବିଟିଏ ଯାହା ଲେଖିଦିଏ ବା ଶିଳ୍ପୀଟିଏ ଯାହା ଚିତ୍ରିଦିଏ ତାହା ଖାଲି ତା' ମନର ଅଭିବ୍ୟକ୍ତି ବା ଚିତ୍ର ବୋଲି ଭାବିବା ଭୁଲ । ସେଥିରେ ଥାଏ ଅସଂଖ୍ୟ ମନର ଚିତ୍ର, ଅସଂଖ୍ୟ ଜୀବନାନୁଭୂତିର ଆଲେଖ୍ୟ ଏବଂ ଅଗଣିତ ପ୍ରାଣର ସ୍ପନ୍ଦନ । ତାହା କବି ବା ଶିଳ୍ପୀପୁରୁଷଟିକୁ 'ପ୍ଲାଟଫର୍ମ' ରୂପେ ମାଧ୍ୟମ କରି ଗଡାପୁ ଆମ୍ଭମାନଙ୍କ ଭିତ ଓହ୍ଲାଇ ଆସିଥାଏ ମାଟିର ଧରଣୀକୁ ଏବଂ ତାହାର ଜରିଆରେ ଲିପିବଦ୍ଧ କରିଯାଏ ସବୁ କିଛି ।

ଏକ ସମ୍ମୋହିତ ଭାବ କବିକୁ ସବୁବେଳେ ଆଚ୍ଛନ୍ନ କରିଥାଏ । ସେହି ସମ୍ମୋହିତ ଅବସ୍ଥା ଭିତରେ ସେ ଯାହା ଦେଖେ, ଯାହା ଶୁଣେ, ଯାହା ଅନୁଭବ କରେ ତାହାକୁ ଅଭିବ୍ୟକ୍ତ କରି ରୂପାୟିତ କରିବାକୁ ଚେଷ୍ଟାକରେ । ଯେଉଁ କବି, ଲେଖକ ବା ଶିଳ୍ପୀ ଯେଉଁ ପରିମାଣରେ ନିଜସ୍ୱ ସମ୍ମୋହନୀ ଶକ୍ତିର ଆବର୍ତ୍ତ ଭିତରେ ସମ୍ମୋହିତ ହୋଇପାରେ ଏବଂ ସ୍ପନ୍ଦିତ ହୋଇପାରେ ସେ ସେହି ପରିମାଣରେ ତାର ପ୍ରକାଶର ମାଧ୍ୟମକୁ ଶକ୍ତିଶାଳୀ କରି ନିଜସ୍ୱ ଯନ୍ତ୍ରଣା ବା ଆନନ୍ଦକୁ ପରିସ୍ଫୁଟ କରି ଅନ୍ୟମାନଙ୍କୁ ସମ୍ମୋହିତ ବା ବିମୋହିତ କରିବାକୁ ସମର୍ଥ ହୁଏ । ସମଗ୍ର ପରିବେଶ ଓ ପରିସ୍ଥିତି ତାର ମାଧ୍ୟମରେ କେବଳ ରୂପ ପାଏ ନାହିଁ, କିମ୍ବା ସମଗ୍ର ମାନବ ସମାଜ ତାର ଜରିଆରେ କେବଳ କଥା କହନ୍ତି ନାହିଁ, ବରଂ ତାର ମାଧ୍ୟମରେ ଉଦ୍‌ଘାଟିତ ହୁଏ ସତ୍ୟ, ପ୍ରତିଷ୍ଠିତ ହୁଏ ଶିବ ଏବଂ ପୂଜିତ ହୁଏ ସୁନ୍ଦର । ସେ ଯେଉଁ ମନର ମାନଚିତ୍ର ଅଙ୍କନ କରେ ତାର ସୀମାରେଖା ଲମ୍ବିଯାଏ ମନରୁ ମନକୁ, ହୃଦୟରୁ ହୃଦୟକୁ, ଦେଶରୁ ଦେଶକୁ ଏବଂ କାଳରୁ କାଳକୁ । ଏଇ ବ୍ୟାପ୍ତି ଓ ସଞ୍ଚରଣଶୀଳତାହିଁ ପ୍ରତ୍ୟେକ ସଫଳ ସ୍ରଷ୍ଟାର ମନର ମାନଚିତ୍ରର ବିଶେଷତ୍ୱ । ଅବଶ୍ୟ ମୋ 'ମନର ମାନଚିତ୍ର' ଭିତରେ ସେହି ସୁଦୁର୍ଲଭ ଗୁଣ ବା ଧର୍ମ କେତେ ରକ୍ଷିତ ହୋଇ ପାରିଛି ତାହା ମୁଁ କହି ପାରିବି ନାହିଁ ।

Digitized by srujanika@gmail.com

ଆପଣମାନେ ବି ସଂପୂର୍ଣ୍ଣ ରୂପେ କହି ପାରିବେ ନାହିଁ । କହିବ ହେଉ ଅନାଗତ କାଳ, ଅନାଗତ ସମୟ, ଯେତେବେଳେ ମୁଁ ନଥିବି, ନଥିବେ ଆପଣମାନେ, ଯେଉଁମାନେ କି ଘଟମାନ ବର୍ତ୍ତମାନର ସ୍ତାବକ ବା ନିନ୍ଦୁକ ।

'ମନର ମାନଚିତ୍ର' ମୋର ପଞ୍ଚମ କବିତା ସଂକଳନ । ବିଗତ ୩୫ବର୍ଷର କାବ୍ୟ-ସାଧନା ଭିତରେ ହୁଏତ ଏହା ଠାରୁ ଅଧିକ ସଂକଳନ ପ୍ରକାଶ ପାଇ ପାରିଥାନ୍ତା । କିନ୍ତୁ ଦୁର୍ଭାଗ୍ୟ ବଶତଃ ମୁଁ ବହୁପ୍ରସୂ କବି ନୁହେଁ । ଏହାହିଁ ମୋର ଏକ ବିରାଟ ଦୁର୍ବଳତା । କାହାରି ଇଙ୍ଗିତରେ/ ଆଦେଶରେ/ ଅନୁରୋଧରେ ବା ଆହ୍ୱାନରେ ମୁଁ କେବେ କବିତା ଲେଖିନାହିଁ । ଏକମାତ୍ର ମୋର ମନର ଇଙ୍ଗିତ, ବିବେକର ନିର୍ଦ୍ଦେଶ, ହୃଦୟର ଅନୁରୋଧ ଏବଂ ପ୍ରାଣର ଆହ୍ୱାନ ହିଁ ମୋତେ ଲେଖିବାକୁ ଅନୁପ୍ରାଣିତ କରିଛି । ପୁଣି କବିତାର ସାମ୍ରାଜ୍ୟ ବ୍ୟତୀତ ଅନ୍ୟ ସାମ୍ରାଜ୍ୟରେ ବିଚରଣ କରିବାକୁ ମଧ୍ୟ ମୁଁ କେବେ ଇଚ୍ଛା ବା ସାହସ କରିନାହିଁ । ଇଏ ପୁଣି ମୋର ଦ୍ୱିତୀୟ ଦୁର୍ବଳତା । କାରଣ ମୋର ସର୍ଜନ କ୍ଷମତାର ସୀମା-ସରହଦ ସଂପର୍କରେ ମୁଁ ଖୁବ୍ ସଚେତନ । ବହୁମୁଖୀ ସାହିତ୍ୟ-ସୃଷ୍ଟି ପାଇଁ ମୋର ଶକ୍ତି ସୀମିତ । ମୋର ସେହି ସୀମିତ ଶକ୍ତିକୁ ଅନ୍ୟ ଆଡ଼େ ଅପଚୟ କରିବାକୁ ମୁଁ ଚାହେଁନା । କାବ୍ୟରାଜ୍ୟରେ ଏତେଦିନ ପଦଚାରଣା କରି ମଧ୍ୟ ନିଜକୁ ଜଣେ ସଫଳ ପଦଚାରୀ ବୋଲି ଦାବି କରିବାର ସାହସ ମୁଁ ଏପର୍ଯ୍ୟନ୍ତ ସଞ୍ଚୟ କରି ପାରିନାହିଁ । ପୁଣି ଅନ୍ୟ ଦିଗକୁ ମନ ବଳାଇ ଉପହସିତ ହେବି କାହିଁକି ? ତେଣୁ 'ଅପାର କାବ୍ୟ-ସଂସାର' ମଧ୍ୟରେ 'ପ୍ରଜାପତି' ହେବାର ଆସ୍ପର୍ଦ୍ଧା ନ ରଖି ମଧ୍ୟ ଆତ୍ମ-ପ୍ରକାଶର ଅଦମ୍ୟ ଉତ୍ସାହରେ ମୁଁ ଆଙ୍କି ଚାଲିଛି ମୋ 'ମନର ମାନଚିତ୍ର', କବିତାର ଛନ୍ଦବନ୍ଧନ ଭିତରେ । ସଫଳତା/ ବିଫଳତା ମହାସମୟର ହାତମୁଠାରେ ।

Digitized by srujanika@gmail.com

।। ମୋ କଥା : କବିତାର କଥା ।।

ଆଜିର ଜୀବନ ଛନ୍ଦହୀନ, ତେଣୁ ଆଜିର କବିତା ଛନ୍ଦହୀନ, ଗଦ୍ୟଧର୍ମୀ ଓ ଅବୋଧ ବୋଲି କେତେକ ମତବ୍ୟକ୍ତ କରିଥାଆନ୍ତି । ମୁଁ କିନ୍ତୁ ଏଥି ସହିତ ଏକମତ ନୁହେଁ । ଆଜିର ଜୀବନ ହୁଏତ ବହୁ ସମସ୍ୟା ଶଙ୍କୁଳ, ଯନ୍ତ୍ରଣା ଜର୍ଜର ଏବଂ ବହୁ ଜାଗତିକ, ଆନ୍ତର୍ଜାତିକ ଓ ସାମାଜିକ ଘଟଣା ଦୁର୍ଘଟଣାର ପ୍ରତିକ୍ରିୟାରେ ବିକ୍ଷୁବ୍ଧ । ତଥାପି ଏକଥା ମନେରଖିବାକୁ ହେବ ଯେ, ଜୀବନ କୌଣସି ଦିନ ନିସ୍ତରଙ୍ଗ ନ ଥିଲା କିମ୍ବା ଆଜି ମଧ୍ୟ ନୁହେଁ । ଏଥିରେ ଯେ କୌଣସି ଘଟଣା ବା ସମସ୍ୟାର ଲୋଷ୍ଟ୍ରାଘାତ ହେଲେ ପ୍ରତିକ୍ରିୟାର ତରଙ୍ଗ ସୃଷ୍ଟି ହେବାକୁ ବାଧ୍ୟ । ଏବଂ ଯେହେତୁ ପ୍ରତ୍ୟେକ ତରଙ୍ଗର ଏକ ଏକ ନିର୍ଦ୍ଦିଷ୍ଟ ଭଙ୍ଗୀ ଅଛି, ଛନ୍ଦ ଅଛି, ତେଣୁ ଜୀବନ ପ୍ରବାହର ଗତିଧାରାରେ ଉତ୍‌ଥିତ ତରଙ୍ଗାବଳୀର ଛନ୍ଦ ରହିବାକୁ ବାଧ୍ୟ । ହୁଏତ ତାହା କେତେବେଳେ ଅନ୍ତର୍ମୁଖୀ ବା କେତେବେଳେ ବହିର୍ମୁଖୀ ହୋଇପାରେ । ସେହିଭଳି ଆଜିର କବିତା ଆପାତ ଗଦ୍ୟଧର୍ମୀ ହେଲେ ମଧ୍ୟ ତହିଁରେ ଏକ ଅନ୍ତର୍ଲୀନ ଛନ୍ଦର ସ୍ପନ୍ଦନ ରହିଛି । ଯେ କେହି ରସଜ୍ଞ, ମାର୍ମିକ ପାଠକ ସହୃଦୟତାର ସହିତ ଏହାକୁ ଅନୁଧ୍ୟାନ କଲେ ନିଶ୍ଚୟ ଉପଲବ୍ଧି କରି ପାରିବ । ତେବେ ଆଧୁନିକତା ନାମରେ ଆଜି ଏଭଳି କେତେକ କବିତା ରଚିତ ହେଉଛି ଯେଉଁଥିରେ ପ୍ରାଣର ସ୍ପନ୍ଦନ ବୋଲି କିଛି ନାହିଁ । କେବଳ 'ଯଶଃପ୍ରାର୍ଥୀ' ହେବା ପାଇଁ କେତେକ 'ମନ୍ଦ-କବି'ଙ୍କର ଅହୋରାତ୍ର ଆପ୍ରାଣ ପ୍ରସ୍ତୁତି ଓ ପଟୁଆର ଏବଂ ଆତ୍ମ-ପ୍ରଚାର ତଥା ଆତ୍ମ-ପ୍ରଶସ୍ତିର ନିର୍ଲଜ୍ଜ ପ୍ରଦର୍ଶନୀ ଲାଗି ରହିଛି । ସ୍ତୁତି ଓ ସ୍ତାବକତାହିଁ ସେମାନଙ୍କ ଯାତ୍ରାପଥର ଏକମାତ୍ର ପାଥେୟ । ଅହଂକାରକୁ ଅଳଙ୍କାର କରି ପୁଣି କ୍ଷେତ୍ର ବିଶେଷରେ ସମ୍ମାନ ଓ ସ୍ୱୀକୃତି ପାଇଁ ଆତ୍ମାଭିମାନକୁ ବିସର୍ଜନ ଦେଇ, ସମୟ-ସମାଜ ଓ ଜୀବନ ପ୍ରତି ବିଶ୍ୱାସଘାତକତା କରି ଏବଂ ପ୍ରାଣର ସ୍ପନ୍ଦନକୁ କାବ୍ୟିକ ସ୍ପନ୍ଦନରେ ରୂପାନ୍ତରିତ ନ କରି

Digitized by srujanika@gmail.com

ଆପଣମାନେ ବି ସମ୍ପୂର୍ଣ୍ଣ ରୂପେ କହି ପାରିବେ ନାହିଁ । କହିବି ହେଉଛି ଅନାଗତ କାଳ, ଅନାଗତ ସମୟ, ଯେତେବେଳେ ମୁଁ ନଥିବି, ନଥିବେ ଆପଣମାନେ, ଯେଉଁମାନେ କି ଏକ୍ଷ୍ମାନ୍ତ ବର୍ତ୍ତମାନର ସ୍ତାବକ ବା ନିନ୍ଦୁକ ।

'ମନର ମାନଚିତ୍ର' ମୋର ପଞ୍ଚମ କବିତା ସଂକଳନ । ବିଗତ ୩୫ବର୍ଷର କାବ୍ୟ-ସାଧନା ଭିତରେ ହୁଏତ ଏହା ଠାରୁ ଅଧିକ ସଂକଳନ ପ୍ରକାଶ ପାଇ ପାରିଥାନ୍ତା । କିନ୍ତୁ ଦୁର୍ଭାଗ୍ୟ ବଶତଃ ମୁଁ ବହୁପ୍ରସୂ କବି ନୁହେଁ । ଏହାହିଁ ମୋର ଏକ ବିରାଟ ଦୁର୍ବଳତା । କାହାରି ଇଙ୍ଗିତରେ/ ଆଦେଶରେ/ ଅନୁରୋଧରେ ବା ଆହ୍ୱାନରେ ମୁଁ କେବେ କବିତା ଲେଖିନାହିଁ । ଏକମାତ୍ର ମୋର ମନର ଇଙ୍ଗିତ, ବିବେକର ନିର୍ଦ୍ଦେଶ, ହୃଦୟର ଅନୁରୋଧ ଏବଂ ପ୍ରାଣର ଆହ୍ୱାନ ହିଁ ମୋତେ ଲେଖିବାକୁ ଅନୁପ୍ରାଣିତ କରିଛି । ପୁଣି କବିତାର ସାମ୍ରାଜ୍ୟ ବ୍ୟତୀତ ଅନ୍ୟ ସାମ୍ରାଜ୍ୟରେ ବିଚରଣ କରିବାକୁ ମଧ୍ୟ ମୁଁ କେବେ ଇଚ୍ଛା ବା ସାହସ କରିନାହିଁ । ଇଏ ପୁଣି ମୋର ଦ୍ୱିତୀୟ ଦୁର୍ବଳତା । କାରଣ ମୋର ସର୍ଜନ କ୍ଷମତାର ସୀମା-ସରହଦ ସଂପର୍କରେ ମୁଁ ଖୁବ୍ ସଚେତନ । ବହୁମୁଖୀ ସାହିତ୍ୟ-ସୃଷ୍ଟି ପାଇଁ ମୋର ଶକ୍ତି ସୀମିତ । ମୋର ସେହି ସୀମିତ ଶକ୍ତିକୁ ଅନ୍ୟ ଆଡ଼େ ଅପଚୟ କରିବାକୁ ମୁଁ ଚାହେଁନା । କାବ୍ୟରାଜ୍ୟରେ ଏତେଦିନ ପଦଚାରଣା କରି ମଧ୍ୟ ନିଜକୁ ଜଣେ ସଫଳ ପଦଚାରୀ ବୋଲି ଦାବି କରିବାର ସାହସ ମୁଁ ଏପର୍ଯ୍ୟନ୍ତ ସଞ୍ଚୟ କରି ପାରିନାହିଁ । ପୁଣି ଅନ୍ୟ ଦିଗକୁ ମନ ବଳାଇ ଉପହସିତ ହେବି କାହିଁକି ? ତେଣୁ 'ଅପାର କାବ୍ୟ-ସଂସାର' ମଧ୍ୟରେ 'ପ୍ରଜାପତି' ହେବାର ଆସ୍ପର୍ଦ୍ଧା ନ ରଖି ମଧ୍ୟ ଆତ୍ମ-ପ୍ରକାଶର ଅଦମ୍ୟ ଉତ୍ସାହରେ ମୁଁ ଆଙ୍କି ଚାଲିଛି ମୋ 'ମନର ମାନଚିତ୍ର', କବିତାର ଛନ୍ଦବନ୍ଧନ ଭିତରେ । ସଫଳତା/ ବିଫଳତା ମହାସମୟର ହାତମୁଠାରେ ।

Digitized by srujanika@gmail.com

॥ ମୋ କଥା : କବିତାର କଥା ॥

ଆଜିର ଜୀବନ ଛନ୍ଦହୀନ, ତେଣୁ ଆଜିର କବିତା ଚଛନ୍ଦ, ଗଦ୍ୟଧର୍ମୀ ଓ ଅବୋଧ ବୋଲି କେତେକ ମତବ୍ୟକ୍ତ କରିଥାଆନ୍ତି । ମୁଁ କିନ୍ତୁ ଏଥି ସହିତ ଏକମତ ନୁହେଁ । ଆଜିର ଜୀବନ ହୁଏତ ବହୁ ସମସ୍ୟା ଶଙ୍କୁଳ, ଯନ୍ତ୍ରଣା ଜର୍ଜର ଏବଂ ବହୁ ଜାତୀୟ, ଆନ୍ତର୍ଜାତୀୟ ଓ ସାମାଜିକ ଘଟଣା ଦୁର୍ଘଟଣାର ପ୍ରତିକ୍ରିୟାରେ ବିକ୍ଷୁବ୍ଧ । ତଥାପି ଏକଥା ମନେରଖିବାକୁ ହେବ ଯେ, ଜୀବନ କୌଣସି ଦିନ ନିସ୍ତରଙ୍ଗ ନ ଥିଲା କିମ୍ବା ଆଜି ମଧ୍ୟ ନୁହେଁ । ଏଥିରେ ଯେ କୌଣସି ଘଟଣା ବା ସମସ୍ୟାର ଲୋଷ୍ଟ୍ରାଘାତ ହେଲେ ପ୍ରତିକ୍ରିୟାର ତରଙ୍ଗ ସୃଷ୍ଟି ହେବାକୁ ବାଧ୍ୟ । ଏବଂ ଯେହେତୁ ପ୍ରତ୍ୟେକ ତରଙ୍ଗର ଏକ ଏକ ବୈଶିଷ୍ଟ୍ୟ ଭଙ୍ଗୀ ଅଛି, ଛନ୍ଦ ଅଛି, ତେଣୁ ଜୀବନ ପ୍ରବାହର ଗତିଧାରାରେ ଉତ୍ଥିତ ତରଙ୍ଗାବଳୀର ଛନ୍ଦ ରହିବାକୁ ବାଧ୍ୟ । ହୁଏତ ତାହା କେତେବେଳେ ଅନ୍ତର୍ମୁଖୀ ବା କେତେବେଳେ ବହିର୍ମୁଖୀ ହୋଇପାରେ । ସେହିଭଳି ଆଜିର କବିତା ଆପାତ ଗଦ୍ୟଧର୍ମୀ ହେଲେ ମଧ୍ୟ ତହିଁରେ ଏକ ଅନ୍ତର୍ଲୀନ ଛନ୍ଦର ସ୍ପନ୍ଦନ ରହିଛି । ଯେ କେହି ରସଜ୍ଞ, ମାର୍ମିକ ପାଠକ ସହୃଦୟତାର ସହିତ ଏହାକୁ ଅନୁଧ୍ୟାନ କଲେ ନିଶ୍ଚୟ ଉପଲବ୍ଧି କରି ପାରିବ । ତେବେ ଆଧୁନିକତା ନାମରେ ଆଜି ଏଭଳି କେତେକ କବିତା ରଚିତ ହେଉଛି ଯେଉଁଥିରେ ପ୍ରାଣର ସ୍ପନ୍ଦନ ବୋଲି କିଛି ନାହିଁ । କେବଳ 'ଯଶଃପ୍ରାର୍ଥୀ' ହେବା ପାଇଁ କେତେକ 'ମନ୍ଦ-କବି'ଙ୍କର ଅହୋରାତ୍ର ଆପ୍ରାଣ ପ୍ରସ୍ତୁତି ଓ ପଟୁଆର ଏବଂ ଆତ୍ମ-ପ୍ରଚାର ତଥା ଆତ୍ମ-ପ୍ରଶସ୍ତିର ନିର୍ଲଜ୍ଜ ପ୍ରଦର୍ଶନୀ ଲାଗି ରହିଛି । ସ୍ତୁତି ଓ ସ୍ତାବକତାହିଁ ସେମାନଙ୍କ ଯାତ୍ରାପଥର ଏକମାତ୍ର ପାଥେୟ । ଅହଂକାରକୁ ଅଳଙ୍କାର କରି ପୁଣି କ୍ଷେତ୍ର ବିଶେଷରେ ସମ୍ମାନ ଓ ସ୍ୱୀକୃତି ପାଇଁ ଆତ୍ମାଭିମାନକୁ ବିସର୍ଜନ ଦେଇ, ସମସ୍ତ-ସମାଜ ଓ ଜୀବନ ପ୍ରତି ବିଶ୍ୱାସଘାତକତା କରି ଏବଂ ପ୍ରାଣର ସ୍ପନ୍ଦନକୁ କାବ୍ୟିକ ସ୍ପନ୍ଦନରେ ରୂପାନ୍ତରିତ ନ କରି

Digitized by srujanika@gmail.com

।। ମୋ କଥା : କବିତାର କଥା ।।

କେହି କେବେ ସତ୍ କବି ହେବାର ଗୌରବ ଅର୍ଜନ କରି ପାରି ନାହିଁ—କରିବା ଅସମ୍ଭବ । ଏହି ପରିପ୍ରେକ୍ଷୀରେ ମୋ ଭଳି ଜଣେ କବି ବିଂଶ ଶତକର ଶେଷପାଦରେ ଛିଡ଼ା ହୋଇ ଆପଣାର କବିତା ପ୍ରତି କେତେଦୂର ବିଶ୍ୱସ୍ତ ହୋଇ ପାରିଛି ତାହା ମୁଁ କହି ପାରିବି ନାହିଁ, କହିବା ସମ୍ଭବ ମଧ୍ୟ ନୁହେଁ । କିନ୍ତୁ ମୋର ସମୟ, ମୋର ଚତୁଃପାର୍ଶ୍ୱର ସମାଜ ଏବଂ ପରିବ୍ୟାପ୍ତ ଜୀବନ ତଥା ଏ ସବୁକୁ ନେଇ ଉପୁଜୁଥିବା ସମସ୍ୟା ଓ ଚାଲୁଥିବା ସଂଗ୍ରାମ ପ୍ରତି ମୁଁ କେବେହେଲେ ଆଖି ବୁଜି ଦେଇ ନାହିଁ । ମୋ ମନରେ ପ୍ରତିକ୍ରିୟାର ଜଳତରଙ୍ଗ ମୋ କବିତା ଭିତରେହିଁ ବାଜି ଉଠିଛି । ସେ ତରଙ୍ଗର ପ୍ରବାହ ସ୍ୱଚ୍ଛନ୍ଦ କି ବିଚ୍ଛନ୍ଦ, ତାର ଧ୍ୱନି ଶ୍ରୁତିମଧୁର କି ଶ୍ରୁତିକଟୁ, ତାର ଆବେଦନ ସ୍ଥାୟୀ କି ସଞ୍ଚାରୀ ତା'ର ବିଚାର ଆଜିର ତଥା ଆଗାମୀକାଲର ପାଠକ-ପାଠିକାଙ୍କ ଉପରେ ନ୍ୟସ୍ତ ରଖୁଛି ।

ଶେଷରେ, ଏ କବିତା ଗ୍ରନ୍ଥର ପ୍ରକାଶ ମୁହୂର୍ତ୍ତରେ ଯେଉଁ ଦୁଇଜଣଙ୍କ ସହଯୋଗ ମୁଁ ସକୃତଜ୍ଞ ସ୍ମରଣ କରୁଛି ସେମାନେ ହେଲେ ପ୍ରକାଶକ ବନ୍ଧୁ ଶ୍ରୀଯୁକ୍ତ ଅଭିରାମ ମହାପାତ୍ର ଓ ଶିଳ୍ପୀବନ୍ଧୁ ଶ୍ରୀଯୁକ୍ତ ପ୍ରବୀର କୁମାର ଦାସ । ଏହା ବ୍ୟତୀତ ବିଭିନ୍ନ ପତ୍ର-ପତ୍ରିକାର ସଂପାଦକଗଣ, ଯେଉଁମାନେ ବିଭିନ୍ନ ସମୟରେ ଏହି ସଂକଳନଭୁକ୍ତ କବିତାମାନଙ୍କୁ ପାଠକମାନଙ୍କ ଦରବାରରେ ପ୍ରଥମେ ଉପସ୍ଥାପନ କରିବାର ଅଗ୍ର-ଭୂମିକା ଗ୍ରହଣ କରିଛନ୍ତି ସେମାନଙ୍କୁ ମୋର ବଧାଇ ଜଣାଇ ରହୁଛି ।

Digitized by srujanika@gmail.com

କବିତା-କ୍ରମ

୧ ॥	ଏଇ ମୋର ମନ	॥ ୧ ॥
୨ ॥	ମୋର ସାମ୍ରାଜ୍ୟ	॥ ୬ ॥
୩ ॥	ଏକୋଇଶ ବର୍ଷ	॥ ୯ ॥
୪ ॥	ପରାସ୍ତ ସମ୍ରାଟ	॥ ୧୨ ॥
୫ ॥	ସମସ୍ତୁ	॥ ୧୫ ॥
୬ ॥	ଫେରାଇ ଦେଇଛି	॥ ୨୦ ॥
୭ ॥	ବେଣୀ ବନ୍ଧନ	॥ ୨୩ ॥
୮ ॥	କାମନା	॥ ୨୬ ॥
୯ ॥	ମୁଁ ଓ ଆଷାଢ଼	॥ ୨୮ ॥
୧୦ ॥	ବସନ୍ତ	॥ ୩୧ ॥
୧୧ ॥	ଆଶ୍ଚର୍ଯ୍ୟ ଫଗୁଣ	॥ ୩୪ ॥
୧୨ ॥	ସମୁଦ୍ର : ଫଗୁଣ ଓ ଅପରାହ୍ଣ	॥ ୩୬ ॥
୧୩ ॥	ବନସ୍ତେ ଲଗିଛି ନଆଁ	॥ ୩୯ ॥
୧୪ ॥	କଛି ଚନ୍ତା ନାହିଁ	॥ ୪୪ ॥
୧୫ ॥	କ୍ରୁଦ୍ଧ	॥ ୪୭ ॥
୧୬ ॥	ଫୁଲ ଓ ଅଙ୍ଗାର	॥ ୪୯ ॥
୧୭ ॥	ଛାହାପରେ ଅନ୍ଧକାର	॥ ୫୧ ॥
୧୮ ॥	ସବୁ ହଜିଗଲା ପରେ	॥ ୫୨ ॥
୧୯ ॥	ନର୍ଜନତା	॥ ୫୪ ॥
୨୦ ॥	ବଭଙ୍ଗ ଦର୍ପଣ	॥ ୫୬ ॥
୨୧ ॥	ପାହାଡ଼	॥ ୫୮ ॥

Digitized by srujanika@gmail.com

॥ ଦୁଇ ॥

୨୨ ॥ ଖେଳ ॥ ୫୯ ॥

୨୩ ॥ ହଳଧାବସନ୍ତ ॥ ୬୧ ॥

୨୪ ॥ ଛେଳିଛୁଆ ॥ ୬୩ ॥

୨୫ ॥ ଡାଳଗଛ ॥ ୬୫ ॥

୨୬ ॥ ଝରାପତ୍ର ॥ ୬୭ ॥

୨୭ ॥ ମଧୁମିଛା ॥ ୬୯ ॥

୨୮ ॥ ପ୍ରେମାଗ୍ନି ॥ ୭୦ ॥

୨୯ ॥ ମିନ ॥ ୭୨ ॥

୩୦ ॥ ମେଘକନ୍ୟା ॥ ୭୪ ॥

୩୧ ॥ ବନ୍ଧ୍ୟତ୍ୱ ॥ ୭୫ ॥

୩୨ ॥ ପ୍ରଶ୍ନ ॥ ୭୬ ॥

୩୩ ॥ ଆଖିର ଭାଷା ॥ ୭୭ ॥

୩୪ ॥ ନବୋଢାର ସ୍ୱର୍ଗ ॥ ୭୮ ॥

୩୫ ॥ ଆକାଶ : ଦୁଇଟି ମୁହୂର୍ତ୍ତର ॥ ୭୯ ॥

୩୬ ॥ ନଗ୍ନ ହୁଅ ! ମଗ୍ନ ହୁଅ !! ॥ ୮୧ ॥

୩୭ ॥ ଅବାଞ୍ଛିତ ପ୍ରଭୁଙ୍କ ଉଦ୍ଦେଶ୍ୟରେ ॥ ୮୩ ॥

୩୮ ॥ ବର୍ଷା ॥ ୮୯ ॥

୩୯ ॥ ବନ୍ୟା ॥ ୯୦ ॥

୪୦ ॥ ମୁଁ ଗଳିଯିବା ପରେ ॥ ୯୪ ॥

—୦—

Digitized by srujanika@gmail.com

ଏଇ ମୋର ମନ

ତୁମ ମନ ତୁମର ତ ଏକା ହୋଇପାରେ
କିନ୍ତୁ ଏଇ ମନ ମୋର
ନୁହେଁ ମୋର ଏକା,
ମୋ ମନର ପ୍ରଦୀପରେ
ରହି ରହି ଜଳେ
ପୃଥିବୀର ଏକ ପ୍ରାନ୍ତୁ ଆର ପ୍ରାନ୍ତ ଯାଏଁ
ସହସ୍ର ମନର ଶତ
ପ୍ରଜ୍ୱଳିତ ଦୀପ୍ତ ଦୀପଶିଖା ।।

ଦେଶ ଦେଶାନ୍ତରୁ ବହି
ଅସଂଖ୍ୟ ମନର ନଈ
ଚିର ଊର୍ମିମୟୀ,
ମୋ ମନର ଛନ୍ଦରତା
ନଦୀର କଲ୍ଲୋଳେ
ଆସି ଆସି ନିତି ନିତି
ହୁଅନ୍ତି ସାମିଲ;
ଶୋକେ ଦୁଃଖେ ବିଷଦେ ଯା'
ନିତି ଛଳ ଛଳ
ସୁଖେ—ସ୍ୱପ୍ନେ ପୁଣି ଝିଲମିଲ୍ ।।

Digitized by srujanika@gmail.com

ମନ ମୋର ଯେଣୁ ଖାଲି
ଏକା ମୋର ନୁହେଁ
ମୋ ମନ ଆକାଶେ ତେଣୁ
ପ୍ରତିଦିନ, ପ୍ରତିଟି ମୁହୂର୍ତ୍ତେ
ସହସ୍ର ମନର ଶତ
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ଉଏଁ,
ଏବଂ ସେହି ଆଲୋକରେ
ଆକାଶ ମୋ ହୁଏ ଦୀପ୍ତ
ହୁଏ ଆଲୋକିତ,
ଏ ମୋର ଏକକ ସତ୍ତା
ହୁଏ ବହୁ ସତ୍ତାରେ ଜ୍ୱଳନ୍ତ ॥

ତୁମ ମନ ତୁମର ତ ଏକା ହୋଇପାରେ
କିନ୍ତୁ ମୋର ମନ ଯେଣୁ
ନୁହେଁ ମୋର ଏକା
ମୋ ମନର ପ୍ରସାରିତ ଏକଇ ପାଦପ
ମେଲିଅଛି ଅଗଣିତ ଶାଖା ଓ ପ୍ରଶାଖା;

ପ୍ରତିଟି ବୃନ୍ତରେ ତାର ଫୁଟେ ଆସି କେତେ
ଶ୍ୱେତ—ପୀତ—କୃଷ୍ଣକାୟ
ଅସଂଖ୍ୟ ମନର
ହାସ୍ୟମୟୀ—ଲାସ୍ୟମୟୀ
ବହୁବର୍ଣ୍ଣୀ ଫୁଲ;
ନାମହୀନ—ସଂଜ୍ଞାହୀନ
ଜଣା ଓ ଅଜଣା
ଅଜସ୍ର ପକ୍ଷୀର ଗୀତେ
ଭରି ଉଠେ ତାହାର ଅଗଣା ॥

Digitized by srujanika@gmail.com

ଏଇ ମୋର ମନ;
ଗୋଟିଏ ବନ୍ଦରେ ସିଏ ବନ୍ଦୀ ନୁହେଁ
ବନ୍ଧା ନୁହେଁ ଗୋଟିଏ ସୂତ୍ରରେ,
'ଶିଶୁଚନ୍ଦ୍ର' ପରି ତାହା
ସଦା ଘୂର୍ଣ୍ଣମାନ ।

ଗତ ତାର ମହାକାଶତକ,
ଅତଳ-ବିତଳ ପୁଣି
ସାରା ବିଶ୍ୱ, ଭୂଲୋକ—ଦ୍ୟୁଲୋକ
ମନ ମୋର ଘୂରି ଘୂରି କରେ ପରିକ୍ରମା,
ଲଳିତ ଛନ୍ଦରେ ଲେଖା ଗୀତିକାବ୍ୟ ପରି
ମାନେନା ସେ ପୂର୍ଣ୍ଣଚ୍ଛେଦ କମା,
ମାନେ ନାହିଁ ବାଧା ସିଏ—
ମାନେନା ବନ୍ଧନ
ସଫେଦ କାଗଜ ପରି
ଏଇ ମୋର ମନ
ଯାହା ଶୁଭ୍ର ଯାହା ସ୍ୱଚ୍ଛ
ଯାହା ପରିଚ୍ଛନ୍ନ,
ତା ଉପରେ ନିତି ଶତ ଶତ
ଏହି ମହା ଧରଣୀର
ସଂଖ୍ୟାହୀନ ମଣିଷର ଚିତ୍ର
ବହୁରଙ୍ଗୀ ଜଳଛବି ପରି
ନାନା ବର୍ଣ୍ଣେ ହୁଏ ଅଙ୍କା
ହୁଏ ରୂପାୟିତ;
ହୁଅଇ ଚର୍ଚ୍ଚିତ ॥

Digitized by srujanika@gmail.com

ଗୋଟିଏ ଶିଶୁର ମନ
ତରଙ୍ଗିତ ନଦୀ ଜଳେ ମାଛଟିଏ ଭଳି
ହୋଇ କୁତୂହଳୀ
ଏଣେ ତେଣେ ଧାଇଁ ଧାଇଁ ଯାହା ଧରି ବୁଲେ
ସିଏ ଆସି ଧରା ଦିଏ ପୁଣି ବେଳେ ବେଳେ
ଏଇ ମୋର ପ୍ରଶାନ୍ତ ମନର ଜାଲରେ ।

ଗୋଟିଏ ନାରୀର ମନ
ସିନେମାର ଦୃଶ୍ୟପଟେ ପ୍ରେମଚିତ୍ର ପରି
ଅଟେ ଯାହା ସଂପୂର୍ଣ୍ଣ ରଙ୍ଗୀନ;

ଅବା ଏକ ଆଧୁନିକ ଚତୁରର ଚିତ୍ତ
ଇନ୍ଦ୍ରଧନୁ ପରି ଯାହା କ୍ଷଣକେ ଉଦ୍ଭାସି
ପରକ୍ଷଣେ ଯାଏ ଭାଙ୍ଗି
ହୁଏ ମୂର୍ଚ୍ଛାହତ;
ସବୁ ଆସି ମୋ ମନର ସାଦା ପରଦାରେ
କରନ୍ତି ତ ଖେଳା;
ବିଚିତ୍ର-ବିହଙ୍ଗ ପରି ଉଡ଼ିଆସି ଦିଗ ଦିଗନ୍ତରୁ
ଅସଂଖ୍ୟ ମନର ପକ୍ଷୀ—
ମୋ ମନର ଆକାଶରେ ମେଲିଦେଲେ ଡେଣା
ଆପଣାକୁ ଆପେ ଭୁଲି
ହୁଏ ମୁହିଁ ହୁଏ ଆତ୍ମହରା ।।

ତେଣୁ ମୁଁ ଜାଣିଚି ବନ୍ଧୁ,
ଏଇ ମୋର ମନ
ତୁମଠୁଁ ଯା' ଭିନ୍ନ; ତହିଁ ମାନ ଅଛି ଦ୍ୱାର
ସଂସାରର ସ୍ଥାନ ଲଭ
ପୃଥିବୀର ସକଳ ଫେଡାଣ ।

Digitized by srujanika@gmail.com

ମୁଁ ଜାଣିଚ୍ଛି, ଜାଣିଚ୍ଛି ମୁଁ ପୁଣି,
ଏ ମାଟିର ସକଳ ମନର
ସେ ମହା-ସଙ୍ଗମ ସ୍ଥଳ
ସେ ମହା ତ୍ରିବେଣୀ ।

ସେ ଏକ ମିଶ୍ରଣ ପୁଣି
ସମନ୍ୱିତ ଏକ ଯୋଗଫଳ;
ହରିଲେ ହରେନା ଯାହା
ଥାଏ ଯୁକ୍ତ ହୋଇ
ଅବିଭାଜ୍ୟ ଅଟେ ଚିରକାଳ ।।

—o—

Digitized by srujanika@gmail.com

ମୋର ସାମ୍ରାଜ୍ୟ

ସାମ୍ରାଜ୍ୟ ହରାଇବା ପରେ
ସମ୍ରାଟର ଆଖିରେ ଲୁହ,
ସିଂହାସନ ହରାଇବା ପରେ
ଶାସକର ବୁକୁରେ କୋହ;
କିନ୍ତୁ—
ମୋର ହରାଇବାର କିଛି ନାହିଁ,
ତେଣୁ ଦୁଃଖ କରିବି କିପାଇଁ ??

ମୁଁ ମେଲାଦେଇଛି ମୋର ସାମ୍ରାଜ୍ୟ
ଆକାଶରୁ ପୃଥିବୀ
ଦିଗନ୍ତରୁ ଦିଗନ୍ତ,
ମୋ ସାମ୍ରାଜ୍ୟର ସୀମା ନାହିଁ
ନାହିଁ ଶେଷ, ନାହିଁ ଅନ୍ତ
ରାଜ୍ୟ ମୋର ବିଶାଳ—ଅନନ୍ତ ॥

Digitized by srujanika@gmail.com

ମୁଁ ମାଗିଲେ—

ଆକାଶ ଢାଳି ଦେଉଛି କରୁଣା
ପୃଥିବୀ ଉଜାଡ଼ି ଦେଉଛି ମମତା
ସାଗର ଅଜାଡ଼ି ଦେଉଛି ସ୍ନେହ
ଆଉ ସୂର୍ଯ୍ୟ-ଚନ୍ଦ୍ର-ଗ୍ରହ-ତାରା,
ନିତି ନିତି ଯାଉଛନ୍ତି ବର୍ଷି
ହିରଣ୍ମୟ ଆଲୋକର ଧାରା ॥

ମୁଁ ଗୁହାରିଲେ—

ନିଷ୍ପାପ ଶିଶୁଟିଏ
ହସି ଦେଉଛି ହସ
ବମୁଗ୍ଧା ନାରୀଟିଏ
ସମର୍ପି ଦେଉଛି ହୃଦୟ
ତନ୍ୱୀ ଲତାଟିଏ
ଫୁଟାଇ ଦେଉଛି ଫୁଲ
ସହୃଦୟ କବିଟିଏ
ଲେଖି ଦେଉଛି କବିତା
ଅନୁରାଗୀ ଶିଳ୍ପୀଟିଏ
ଆଙ୍କି ଦେଉଛି ଚିତ୍ର
ଉଡ଼ନ୍ତା ପକ୍ଷୀଟିଏ
ଗାଇ ଯାଉଛି ଗୀତ
ଆଉ—ଅଚିହ୍ନା ମଣିଷଟିଏ
କହି ଯାଉଛି କଥା,
ସ୍ନେହସିକ୍ତ ମରମର କଥା ॥

Digitized by srujanika@gmail.com

ମୁଁ ମେଲି ଦେଇଛି ମୋର ସାମ୍ରାଜ୍ୟ
ଖାଲି ଦିଗରୁ ଦିଗନ୍ତ ନୁହେଁ
ମନରୁ ମନ
ଆଉ ହୃଦୟରୁ ହୃଦୟ,
ତାର ଶେଷ କେଉଁଠି
କେଉଁଠି ବା ତାର ବଳୟ ??

ଏଇ ମୋର ସାମ୍ରାଜ୍ୟରେ
ମୁଁ ମହାମହିମ ସମ୍ରାଟ
ମୁଁ ହିଁ ଅନୁଗତ ପ୍ରଜା,
ପ୍ରତିଟି ମଣିଷର ମନର ଆକାଶ ତଳେ
ମୁଁ ଉଡ଼ାଇ ଦେଇଛି ମୋର
କବିତାର ଦିଗ୍‌ବିଜୟୀ ଧ୍ୱଜା ॥

ସାମ୍ରାଜ୍ୟ ହରାଇବା ପରେ
ସମ୍ରାଟର ଅଖିରେ ଲୁହ,
ସିଂହାସନ ହରାଇବା ପରେ
ଶାସକର ବୁକୁରେ କୋହ,
କିନ୍ତୁ ମୋର ହରାଇବାର କିଛି ନାହିଁ
ମୁଁ ଦୁଃଖ କରିବି କାହିଁକି ?
ମୋର ସାମ୍ରାଜ୍ୟରେ
ଅଖଣ୍ଡ-ଅନନ୍ତ ସୂର୍ଯ୍ୟୋଦୟ ॥

—0—

Digitized by srujanika@gmail.com

ଏକୋଇଶ ବର୍ଷ

ମଧ୍ୟାହ୍ନର ସୂର୍ଯ୍ୟ ଆଡ଼କୁ ଅନାଇ
ବସି ରହିଥିଲି ।

ହୁଏତ—ଆଉ ଟିକିଏ ପରେ
ସୂର୍ଯ୍ୟ ପଶ୍ଚିମକୁ ଢଳିପିବ ॥

ଏତିକି ବେଳେ
ବିଚିତ୍ରବର୍ଣ୍ଣା ପ୍ରଜାପତିଟିଏ
କାହିଁ କେଉଁଠୁ ଉଡ଼ି ଆସି
ମୋ ଆଗରେ ନାଚି ନାଚି
ଘୂରିବାକୁ ଲାଗିଲା ॥

କି ବିଚିତ୍ର ତା'ର ରଙ୍ଗ
କି ବିଚିତ୍ର ତା'ର ଅଙ୍ଗ !
କି ବିଚିତ୍ର ତା'ର ଢଙ୍ଗ !

Digitized by srujanika@gmail.com

ଯେମିତିକ;
ଗୋଟିଏ ବର୍ଣ୍ଣାଢ଼୍ୟ ରୁଷୀୟ ନାଟକର
ଏକ ଚଞ୍ଚଳଛନ୍ଦା—
ଲାସ୍ୟମୟୀ ବ୍ୟାଲେରିନା ॥

ଗ୍ଲେଟ ଗ୍ଲେଟ ତା'ର
ଦୁଇଟି ଆଖିରେ ଥିଲା
ସ୍ୱପ୍ନର ସୁନେଲି ଦର୍ପଣ;

ଗ୍ଲେଟ ଗ୍ଲେଟ ତା'ର
ଦୁଇଟି ଡେଣାରେ ଥିଲା
ଆକାଶକୁ ପାରି ହେବାର
ଅଦ୍ଭୁତ ଉଦ୍ଦାମତା ॥

ତା'ପରେ
ଏକ ବିମୁଗ୍ଧ ଦର୍ଶକ ଭଳି
ପରମ ଆଗ୍ରହରେ
ମୁଁ ତାକୁ ପ୍ରଶ୍ନ କଲି
"ପ୍ରଜାପତି !
ତୁମକୁ ଯେମିତି
କେବେ କେଉଁଠି
ଦେଖିଥିଲି ଭଳି
ମନେ ହେଉଛି,
କିଛି ଯଦି ମନେ ନ କର
ତୁମର ପରିଚୟ ଦେବକି ?"

Digitized by srujanika@gmail.com

ଏତିକା ଶୁଣି
ବଚନବର୍ଣ୍ଣା ପ୍ରଜାପତିଟି
ହଠାତ୍ ଅନ୍ତର୍ହିତ ହୋଇ ଯାଉଁ ଯାଉଁ
ହସି ହସି କହିଗଲା—

"ବନ୍ଧୁ ମନେ ପକାଅ
ଅନେକ ଦିନ ତଳେ
ଅଗଣିତର ଅଗ୍ନିଅଗ୍ନି ବନସ୍ତ ଭିତରେ
ତୁମେ ହରାଇ ଆସିଥିବା
ମୁଁ ତୁମର
ସେହି ପ୍ରିୟ-ପରିଚିତ
ସ୍ୱପ୍ନ-ରଙ୍ଗୀନ 'ଏକୋଇଶ ବର୍ଷ' ॥"

—o—

Digitized by srujanika@gmail.com

ପରାସ୍ତ ସମ୍ରାଟ

ଆମର ସାମ୍ରାଜ୍ୟ ଥିଲା
ଦକ୍ଷିଣ-ଦୁଆରୀ ଏକ
ସୁସଜ୍ଜିତ କୋଠରୀର
ନିଭୃତ ପଲଙ୍କ;
ସେ ରାଜ୍ୟର
ପୂର୍ବ ଓ ପଶ୍ଚିମ ପୁଣି
ଉତ୍ତର—ଦକ୍ଷିଣ
ସୀମାନ୍ତ ଚିହ୍ନିତ କରି
ଉଡ଼ୁଥିଲା ଝୁଲନ୍ତ ମଶାରି;
ରାଜ-ରାଣୀ ଆମେ ଦୁଇ
ଥିଲୁଁ ସେହି ସାମ୍ରାଜ୍ୟର
ରାଜା ଆଉ ରାଣୀ;
ସମସ୍ତ ଆଜଠୁଁ ମାତ୍ର
କିଛିବର୍ଷ ତଳେ;
ଦୁରନ୍ତ ବେଗରେ ଯେବେ
କୂଳ ଲଂଘି ବହୁଥିଲା
ବୟସର ଖରସ୍ରୋତା
ତପ୍ତ-ବୈତରଣୀ ॥

Digitized by srujanika@gmail.com

ଆମେ ସେ ରାଜ୍ୟରେ କଲୁଁ ରାଜପଣ
କେତେଗୋଟି ସୁଦୀର୍ଘ ବସନ୍ତ;
କେତୋଟି ଫାଲ୍‌ଗୁନ ଆସି
ଆମ କାନେ ଗାଇଗଲା ଗୀତ;
କେତୋଟି ଆଶ୍ୱିନ ପୁଣି
ସେ ରାଜ୍ୟରେ ହୋଇଲା ଅତିଥି;
କେତୋଟି ଶ୍ରାବଣ ସ୍ପର୍ଶେ
ଶ୍ୟାମାୟିତ ହେଲା ଆମ
ଜୀବନର ମରୁ-ବନସ୍ଥଳୀ ॥

ବର୍ଷ ପରେ ବର୍ଷ ଏହି
କେତେଗୋଟି ଦୀର୍ଘ ବର୍ଷ ଧରି
ପାଳିଲୁଁ ଆମେତ ଉଗ୍ର—
କାମନାର ଦୁଷ୍ଟ ପ୍ରଜାଗଣେ;
ଉଡ଼ାଇଲୁଁ ଦିଗେ ଦିଗେ
ଦିଗ୍‌ବିଜୟୀ ଧ୍ୱଜା ପୁଣି
'ମୀନକେତନ'ର,
ରାତିକୁ କରିଲୁଁ ଦିବା
ଦିବାକୁ ରଜନୀ
ଅତନୁ-ମନ୍ଦିରେ ଦେଲୁଁ
ଜୀବନର ଶ୍ରେଷ୍ଠ ଉପହାର ॥

ତାହାପରେ.............
ଆଜ ଏହି ରଜନୀର
ଜନହୀନ ନିଶିଥ ପ୍ରହରେ,
ହଠାତ୍ କାହାର ଡାକେ

Digitized by srujanika@gmail.com

ଆମେ ଯେବେ ଉଠିଲୁଁ ଚମକି;
ଦେଖିଲୁଁ ସାମ୍ରାଜ୍ୟ ନାହିଁ,
ପରସ୍ପର ଠାରୁ ଭିନ୍ନ ହୋଇ
ବନ୍ଦୀ ଆମେ—
ଦୁଇଗୋଟି ଡମ୍ବୁର ଭିତରେ
ମୃତ୍ୟୁ ସହ ହୋଇ ମୁଖାମୁଖୀ ।।

ଆମର ସାମ୍ରାଜ୍ୟ ଗଲା
ଗଲା ପୁଣି ରତ୍ନ ସିଂହାସନ,
ଆମର ରକ୍ତର ଶତ୍ରୁ
ଜଲା ଆସି ତହିଁ ରାଜପଣ !

କାନ୍ତୁ କି ଆଶ୍ଚର୍ଯ୍ୟ କଥା
ସେଥିପାଇଁ ମନ ତଳେ
ଛଳେ ହେଲେ ଆଜ
ପ୍ରତିହିଂସା ବହ୍ନି କାନ୍ତୁ ଉଠୁନି କୁହୁଳି,
କେବଳ ଜାଗୁଛି ପ୍ରଶ୍ନ
ବାରେ ବାରେ
ନିଭୃତ ଅନ୍ତରେ
ସହସ୍ର ସାମ୍ରାଜ୍ୟ ଲୁଟି
ଲକ୍ଷ ଲକ୍ଷ 'ଅଜାତଶତ୍ରୁ' ଙ୍କ
'ବିମ୍ବିସାର' ରକ୍ତ ନେଇ
କରୁଥିବେ ରାଜପଣ
ଏହିପରି
ଯୁଗ ଆଉ ଯୁଗାନ୍ତର ଧରି ? ?

—o—

Digitized by srujanika@gmail.com

ସମୟ

ଏକଦା
ସମୟ ଥିଲା
ମୋର ଖୁବ୍ ପ୍ରିୟ
ଖୁବ୍ ଅନ୍ତରଙ୍ଗ ।

କାନ୍ଧକୁ କାନ୍ଧ
ପାଦକୁ ପାଦ ମିଳାଇ
ଆମେ ହାତ ଧରାଧରି ହୋଇ
ମନଖୁସିରେ ଗୀତ ଗାଇଁ ଗାଇଁ
ଚାଲୁଥିଲୁଁ ନିରୁଦ୍ଦିଷ୍ଟ ପଥରେ ।।

ବନ୍ଧୁତ୍ୱର ତଳେ
ଫାଜିଲ ସମୟ
ମୋତେ ଦିନେ ଉପହାର ଦେଇଥିଲା
କେତୋଟି ଖେଳନା,
ରଙ୍ଗ ବେରଙ୍ଗର ଖେଳନା ।

Digitized by srujanika@gmail.com

ସେହି ଖେଳନା ଗୁଡ଼ିକ ସହିତ ଖେଳୁଁ ଖେଳୁଁ
ମୁଁ ଯେ କେତେବେଳେ
ଭୁଲି ଯାଇଥିଲି ନିଜକୁ
ଜାଣେନା ।

ଯେତେବେଳେ ନିଜକୁ ନିଜେ
ଫେରି ପାଇଲି
ସେତେବେଳକୁ
ଖେଳନା ସବୁ ଭାଙ୍ଗି ଗଲାଣି;
ଆଉ
ମାଟି କଣ୍ଢେଇ ସବୁ
ଟୁକୁରା ଟୁକୁରା ହୋଇ
କାହିଁ କେଉଁଠି ହଜି ଗଲେଣି ।।

ତା'ପରେ ଦିନେ
ଫଗୁଣର ତାରା ଝିକିମିକି
ନିଦ୍ରେଲା ରାତିରେ
ମୋର ଦରଜାରେ ଶୁଣାଗଲା
ଠକ୍ ଠକ୍ ଶବ୍ଦ
ଫାଜିଲ୍ ସମୟର ।

କିଛି ପଚାରିବା ଆଗରୁ
ଟିକିଏ ହସିଦେଇ
ସମୟ
ମୋ ହାତରେ ଗୁଞ୍ଜି ଦେଇଗଲା
ଲାବଣ୍ୟମୟୀ ଲାଲ ଗୋଲାପଟିଏ ।

Digitized by srujanika@gmail.com

ମୁଁ ସେହି ମଧୁମତୀ ଗୋଲାପର
ରୂପରେ ଲୁବ୍ଧ ହେଲି
ସୁରଭିରେ ମୁଗ୍ଧ ହେଲି
ଆଉ— ଲାବଣ୍ୟରେ ସ୍ନିଗ୍ଧ ହେଲି;

ଏବଂ ପ୍ରତିଟି ଗ୍ରନ୍ଥିରେ
ତାର ପ୍ରତିଟି ପାଖୁଡ଼ାକୁ
ପରମ ଆଗ୍ରହରେ ଖୋଲୁଁ ଖୋଲୁଁ
ଏକ ଅପୂର୍ବ ରୋମାଞ୍ଚରେ ଶିହରି ଶିହରି
ପୁଲକିତ ହେଲି ॥

ତାପରେ
ଫାଲ୍‌ଗୁନ୍ ସମସ୍ତ
ମୋତେ ଉପହାର ଦେଇଥିଲା
ପାଞ୍ଚୋଟି ବୁଲ୍‌ବୁଲ୍ ।

ମୋ ବଗିଚାରେ ସେତେବେଳେ
ଫୁଲର ମଉଚ୍ଛବ ।

ଗୋଲାପର ମଦ ପିଉଁ ପିଉଁ
ପଞ୍ଚୋଟି ବୁଲ୍‌ବୁଲର
କଳ କାକଳିରେ
ମୁଁ ଭୁଲିଗଲି ନିଜକୁ ।

ଗୋଲାପ ଆଉ ବୁଲ୍‌ବୁଲ୍
ବୁଲ୍‌ବୁଲ୍ ଆଉ ଗୋଲାପ
ମୋତେ ଦେଲେ
ବଞ୍ଚିବାର ଅପୂର୍ବ ଉନ୍ମାଦନା ॥

Digitized by srujanika@gmail.com

ଶେଷରେ
ଦିନେ ଏକ ମ୍ଳାନ ଅପରାହ୍ଣର
ବିବର୍ଣ୍ଣ ଆଲୋକରେ
ମୁଁ ଯେତେବେଳେ
ପଶ୍ଚିମର ଦିଗନ୍ତ ଆଡ଼କୁ
ଖୁବ୍ କରୁଣ ଆଖିରେ ଅନାଇ
ବସି ରହିଥିଲି
ସମୟ ମୋତେ ଉପହାର ଦେଲା
ପଉଷର କିଛି ଝରାପତ୍ର ।।

ଅତି ଅସହାୟ ଭାବରେ
ମୁଁ ତାକୁ କହିଲି
ବନ୍ଧୁ ସମୟ !
ମୋର ଆଉ କିଛି ଲୋଡ଼ାନାହିଁ
ତୁମେ ଫେରାଇନିଅ
ତୁମର ଉପହାର !

କିନ୍ତୁ ସମୟ ହସିଲା
ଏକ ତାଚ୍ଛଲ୍ୟଭରା ବିଦ୍ରୂପର ହସ ;
ଆଃ—ସେ ହସ
କି ବୀଭତ୍ସ
କି ଭୟଙ୍କର !!

ସେହି ହସର ପ୍ରତିଧ୍ୱନିରେ
ମୋର ସମଗ୍ର ସତ୍ତା
ଯେପରି ପ୍ରକମ୍ପିତ ହେଲା ;

Digitized by srujanika@gmail.com

ଆଉ
ଦେବ-ଦେଉଳର ଦର୍ପନଭିତ୍ତି
ଖସି ପଡ଼ିଲା
ମଳିନା ମାଟିରେ ।।

ମୁଁ ଅନୁଭବ କଲି
ସମସ୍ତ ଆଜି ମୋର ବଂଧୁ ନୁହଁ
ସମସ୍ତ ଆଜି ବିଶ୍ୱାସଘାତକ ;
ସମସ୍ତ ଆଜି ମୋର ଶତ୍ରୁ ।।

—o—

Digitized by srujanika@gmail.com

ଫେରାଇ ଦେଇଛି

ଫେରାଇ ଦେଇଛି ମୁହିଁ
ହଜିଗଲା ଶୈଶବକୁ ମୋର
ରଙ୍ଗୀନ ଖେଳନା ଯେତେ
ଆଉ ସବୁ ମନଭୁଲା
ନାନାବାୟା ଗୀତ,

ଫେରାଇ ଦେଇଛି ମୋର
ଧୂସର ଧୂଳିର ଘର,
ସବୁ ଖେଳ, ସବୁ ଚପଳତା,

ଫେରାଇ ମୁଁ ଦେଇଅଛି ପୁଣି,
ଆଈ ମା' କାହାଣୀ ପେଡ଼ିର
ବୁଢ଼ୀ ଅସୁରୁଣୀ ଗପ,
ଆଉ ଯେତେ ମନଛୁଆଁ
ରଜାରାଣୀ କଥା ଓ କାହାଣୀ ॥

ଫେରାଇ ଦେଇଛି ମୁହିଁ
ହଜିଗଲା କୈଶୋରକୁ ମୋର
ଅଭିମାନୀ ମନ ଆଉ ସକଳ ଦୁଷ୍ଟାମୀ,

Digitized by srujanika@gmail.com

ଯେତେ ସବୁ ରାଗ ରୁଷା
ପ୍ରଗଲ୍‌ଭତା, ଅଳି ଓ ଅଝଟ,
ଆଜି ପୁଣି ଦେଇଛି ଫେରାଇ
ମୋ ବିଚିତ୍ର କଳ୍ପନାର
ଶତ ଶତ ବହୁବର୍ଣ୍ଣୀ ଉଡ଼ନ୍ତା ଚଢ଼େଇ ॥

ଫେରାଇ ଦେଇଛି ମୁହିଁ
ହଜିଗଲା ଯୌବନକୁ ମୋର
ବସନ୍ତର ଶିହରଣ, କୋଇଲିର କୁହୁ
ଫଗୁଣର ଫୁଲଶେଯ, ପୀରତିର ମହୁ
ସବୁ ଗର୍ବ ଅଭିମାନ ସବୁ ଅହଙ୍କାର
ସବୁ ଆଶା, ସବୁ ସ୍ୱପ୍ନ
ଆଜି ମୋର କାମନାର
କମନୀୟ ଗୋଲାପୀ ସକାଳ ॥

ଏବେ ମୋ ହାତରେ ଆଉ ଅଛି କ'ଣ
ଦେବି ବା ତୁମକୁ ?
ମୁଁ ଏକାନ୍ତ ନିଃସ୍ୱ ଓ ଦରିଦ୍ର,
ମୋ ଆଖିର ଦିଗନ୍ତରେ
ତୋଳୁ ନାହିଁ ଢେଉ ଆଜ
ଝିଲ୍‌ମିଲ୍ ସ୍ୱପ୍ନର ସମୁଦ୍ର ।

ବୟସର ବୋଝ ବୋହି ବୋହି
ସ୍ମୃତିର ଶାମୁକା ଖାଲି ଗୋଟାଉଛି ମୁହିଁ
ବସି ବସି ସମୟର
ଅନ୍ତହୀନ ସାଗର ବେଳାରେ

Digitized by srujanika@gmail.com

ଏବଂ ସେହି ଶାମୁକାକୁ
ନାନା ରୂପେ ନାନା ବର୍ଣ୍ଣେ ସଜାଇ ସଜାଇ
ଦେଉଅଛୁ ନାନା ଜାତି
ଫୁଲ ଆଉ ଚଢ଼େଇର ରୂପ,

ହେ ଶିଶୁ, କିଶୋର ଆଉ
ଯୌବନର ହେ ଦୁରନ୍ତ ଅଭିଯାନୀ ଦଳ !
ଗୃହ୍ମଁ ଯଦ ତୁମକୁ ମୁଁ
ଦେବ ଆଜି ଦେବ ଉପହାର
ସେହି ଫୁଲ, ସେହି ସବୁ ଚିହ୍ନିତ ଚଢ଼େଇ
ଏବଂ ତା'ପରେ ମୁହିଁ
ସ୍ମୃତି ଆଉ ବିସ୍ମୃତିର
ସୀମାହୀନ ପାରାବାର ଡେଇଁ
ହଜିଯିବ ତଳେ ତଳେ ତୁମର ସତ୍ତାରେ,
ବର୍ଷ-ମାସ-ଦିନ-ଦଣ୍ଡ
ଯୁଗ ଆଉ ଯୁଗାନ୍ତର ତଳେ ॥

—o—

Digitized by srujanika@gmail.com

ବେଣୀ-ବନ୍ଧନ

ଦର୍ପଣ ଆଗରେ ଠିଆ ହୋଇ
ଲୀଳାୟିତ ଭଙ୍ଗୀରେ
ବେଣୀ ବାନ୍ଧୁ ବାନ୍ଧୁ
ହଠାତ୍ ତାଙ୍କର
ସୁନ୍ଦର ବେଣୀ ଖୋଲିଗଲା ।

ସେ ବେଣୀ ବାନ୍ଧିବେ କଂଣ
ଖୋଲି ଗୁଞ୍ଜିଲେ ସୁନ୍ଦର ଫୁଲ
ଗୋଟିଏ ପରେ ଗୋଟିଏ ॥

କ୍ରମଶଃ
ତାଙ୍କର କୁଞ୍ଚିତ ମୁଖମଣ୍ଡଳ
ଉଜ୍ଜ୍ୱଳ ହୋଇ ଉଠିଲା ;

ଆଖିର ଭୂରୁ ନାଚିଉଠିଲା ;

ଏବଂ ଥରି ଉଠିଲା
ପାଟଳ ଓଠର ପାଖୁଡ଼ା ॥

Digitized by srujanika@gmail.com

ଦର୍ପଣରେ ତାଙ୍କର ବର୍ଷିପୁସୀ ମୁଖଶ୍ରୀ
କୁଆଡ଼େ ଉଭେଇ ଯାଇ
ହସି ଉଠିଲା
ଏକ ଚପଳଚ୍ଛନ୍ଦା କିଶୋରୀର ଲାବଣ୍ୟ,

ଉଜଳି ଉଠିଲା
ଏକ ବ୍ରୀଡ଼ାନ୍ୱିତା ତନ୍ୱୀର ତନିମା ।।

ସେ ମନେମନେ ହସି ଉଠିଲେ ।।

ତାଙ୍କର ଓଠ ଫାଙ୍କରୁ
ଫୁଟି ଉଠିଲା ଚେନାଏ ସ୍ମିତ ;
ଯେମିତିକି
କେଉଁ ଫୁଲ ବଗିଚାର
ଫଟା-ପାଚେରୀ ଭିତରେ
ଲୁଚିଦେଇ ଫୁଟି ଉଠିଥିବା
ଏକ କମନୀୟ ଲାଲ-ଗୋଲାପ,
ସୁନ୍ଦର ଅଥଚ କରୁଣ ।।

ତା'ପରେ
ଏକ ଅଜଣା ଆତଙ୍କରେ
ଶିହରି ଉଠି
ସେ ପୁଣି ଧୂସର ବେଣୀକୁ
ବାନ୍ଧିବାକୁ ଲାଗିଲେ ସନ୍ତର୍ପଣରେ;

Digitized by srujanika@gmail.com

କିନ୍ତୁ ନିଜର ବେଣୀ-ବନ୍ଧନ
ମୁକୁଳା ରହିଲା ।

ଏବଂ ସେହି ମୁକୁଳା କେଶରାଶି ଭିତରୁ
ଚିକ୍ ଚିକ୍ କରୁଥିବା
କେତୋଟି ଶୁଭ୍ର କେଶ
ତାଙ୍କ ଆଡ଼କୁ ଅନାଇ ଅନାଇ
ହସୁଥିଲେ ବଦ୍ରୁପର ଶୁଭ୍ର ହସ ।

ସେ ହସ
ଖୁବ୍ ଭୀଷଣ
ଖୁବ୍ ଭୟଙ୍କର ;
ଅଥଚ ସେ ହସର ଆକ୍ରମଣରୁ
ରକ୍ଷା ପାଇବାର ଉପାୟ
ତାଙ୍କର ନ ଥିଲା ॥

—o—

Digitized by srujanika@gmail.com

କାମନା

କାମନା ଆମର
        ଅତି ଦୁର୍ବାର
                ଦୁରନ୍ତ ସିନା ଅଛି

ଜୀବନେ ଜଗାଏ
                ନିତ୍ୟ ନୂତନ ପ୍ରୀତି;

ଏ ଦେହକୁ ଜାଳି
        କରେ ପବିତ୍ର
                କରେ ସୁନ୍ଦର ପୁଣି

କାମନା ଆମର
                ସତେକି 'ପରଶ ମଣି' ।।

ତୁମେଁ ଦେଲେ ଥରେ
        ସ୍ୱର୍ଣ୍ଣ-ସପନ ଜାଗେ
                ଏହି ଏ ମରମ ବାଗେ;

ମନେହୁଏ ସତେ
        ଆମେ ହିଁ ଆଦ୍ୟ
                ଆମେ ହିଁ ତ ଅନ୍ତିମ,

ପ୍ରେମ-ସମ୍ପଦେ
        ଆମେ ଧନବାନ୍
                ସୁନ୍ଦର ମନୋରମ ।।

Digitized by srujanika@gmail.com

କାମନା ଆମର
ପବନ ଏକ
ମଳ ଆଲୋକର ଶିଖା,

ଦୀପ୍ତିରେ ତାର
ଏ ଦେହ ଏ ମନ
ହୁଏ ଉଜ୍ଜ୍ୱଳତର,

ମୁଁ ପାଏଁ ତୁମର
ଜନ୍ମାନ୍ତରର
ସନ୍ଧାନ ପ୍ରତି ରାତେ

ତୁମେ ପାଅ ସ୍ୱାଦ
ପ୍ରତିଟି ନିଶୀଥେ
ଏ ମୋର ପୌରୁଷର ॥

—o—

Digitized by srujanika@gmail.com

ମୁଁ ଓ ଆଷାଢ

ଆଷାଢ଼
ଏକ ବିମୁଗ୍ଧା ନାୟିକା ପରି
ସନ୍ତର୍ପଣେ ଆସି ଛିଡ଼ା ହେଲା
ମୋ ସାମ୍ନାରେ
ନୀଳ କବରୀରେ ତା'ର
କେତକୀ ଓ ମଲ୍ଲୀଫୁଲ ଖୋସି ॥

ଦିଗନ୍ତ ଆଖିରେ ତା'ର
ସରୁ ସରୁ ଭାସମାନ ମେଘର କଜଳ
ଏବଂ ପୁଣି ସ୍ୱପ୍ନ-ଭୀରୁ ବିଜୁଳୀର
ଛନ୍ଦର୍ଥ୍ୟକ ଗୃହବାଣୀ;

ମୟୂର ଗ୍ରୀବାରେ ତା'ର
ଅପରାଜିତାର ମାଳା
ଥର ଥର ବ୍ୟସ୍ତ ଦୋଳାୟିତ;

Digitized by srujanika@gmail.com

କମ୍ପିତ ଅଧରେ ତା'ର
ବିଚ୍ଛୁରିତ କୃଷ୍ଣଚୂଡ଼ା ହସ;

ଆଉ ତା'ର ସର୍ବାଙ୍ଗରେ ଶିହରିତ
କଦମ୍ବର ପୁଲକ-ରୋମାଞ୍ଚ ।।

ଆଷାଢ଼
ଏକ ପ୍ରଲୁବ୍‌ଧା ନାୟିକା ପରି
ଆଲିଙ୍ଗନ କଲା ମୋତେ
ତା'ର ଶୀତଳ ସ୍ନେହସ୍ନିଗ୍‌ଧ
କରୁଣାର୍ଦ୍ର ଶ୍ୟାମଳ ବାହୁରେ;

ବନ୍ଦୀ କଲା ପୁଣି
ଉଡ଼ନ୍ତା ଶାଢ଼ୀର ଘନ
ଝଲମଲ ବ୍ୟସ୍ତ ବେଷ୍ଟନେ;

ଏବଂ ମୋତେ ମୁଗ୍‌ଧ କଲା
ମୌସୁମୀ ମାଟିର ଗନ୍ଧେ
ଲୋଭମୟ ହରଷ ଉନ୍ମାଦେ ।।

ଜ୍ୱାଳାମୁଖୀ ମୁଁ ରୁଦ୍ର ବୈଶାଖ
ବନ୍ଦୀ ହୋଇ ମାୟାବନେ
ଆଷାଢ଼ର ସବୁଜ ମାୟାରେ
ଶୁଣିଲି ତ ନିରବଧି
ରୁଣୁ ଝୁଣୁ ବର୍ଷାର ସଙ୍ଗୀତ;

Digitized by srujanika@gmail.com

ଭୁଲିଗଲି ଅସମ୍ଭବ
ଖରରୁଦ୍ର ରୌଦ୍ରର ଜ୍ୱଳନ ।।

ଆଜ ମୁଁ ଅଶାନ୍ତ ନୁହେଁ,
ଆଷାଢ଼ର ଆର୍ଦ୍ର ଆଲିଙ୍ଗନେ
ସୃଷ୍ଟି ସ୍ୱପ୍ନେ ମୁଁ ଆଜ ଉନ୍ମାଦ,

ସଂହାରର ପର୍ବ ଶେଷେ
ପ୍ରଳୟ ପୟୋଧି ଜଳେ
ମୁଁ ତ ସେହି ଆଦ୍ୟ ସ୍ରଷ୍ଟା
ଶାନ୍ତ-କାନ୍ତ ମୁଗ୍ଧ-ମନୋହର,

ନିଖିଳ ବିଶ୍ୱର ପ୍ରାଣେ
ମୁଁ ଏକ ଚିତ୍ତଆକର୍ଷକର
ଶରତର ନୂତନ-ସମ୍ବାଦ ।।

—o—

Digitized by srujanika@gmail.com

ବସନ୍ତ

କାହାର ପଣତ ଉଡ଼େ
ରକ୍ତାମ୍ବରୀ ପାଟ ପରି
ଶିମୁଳୀ, ପଳାଶ ଆଉ
ପାଳଧୁଆ ଶାଖାରେ ଶାଖାରେ ?

କାହାର ଦୁକୂଳ ଉଡ଼େ
ପୀତାମ୍ବରୀ ପାଟ ପରି
ଫୁଙ୍ଗୁଲା-ମୁକୁଳା-ମାଳ
ଦିଗମ୍ବର-ଦିଗନ୍ତର ଶିରେ ??

ସିଏ କ'ଣ ଉଚ୍ଛନ୍ନ ବସନ୍ତ ?
ବାଟେ ଘାଟେ, ବଣେ ବଲେ
ପାହାଡ଼େ ଜଙ୍ଗଲେ
ସହରେ ଓ ଗ୍ରାମାଞ୍ଚଳେ
ଅମାନିଆ ବୟସର ତାଳେ
ଫର ଫର ଉଡ଼େ ଯା'ର
ଦିଗ୍‌ବିଜୟୀ ନେତ !!

Digitized by srujanika@gmail.com

ବସନ୍ତ ପୁରୁଷ ଅବା
ବସନ୍ତ କି ନାରୀ ?
ବସନ୍ତ କି ରସବତୀ
ଚତୁରୀ ରାଧିକା
ଅବା କୃଷ୍ଣ ରସରାଜ
ବଂଶଧାରୀ;
ଗୋଲକବିହାରୀ ?

ଅବା ଅର୍ଦ୍ଧନାରୀଶ୍ୱର
ପ୍ରକୃତି-ପୁରୁଷ ?
ଏକ ଅଙ୍ଗେ ଦୁଇ ରୂପ
ସୁନ୍ଦର ସରସ ।।

ବସନ୍ତ ରସିକା ରାଧା
ମନେହୁଏ ଅବା—
ଯାହାର ପଣତ ଉଡ଼େ
ନୀଳ ଯମୁନାର କୂଳୁଁ
ଗୋପଦାଣ୍ଡ ପାରି ହୋଇ
ଲକ୍ଷ ଲକ୍ଷ ମଥୁରା ନଗରେ;

ବସନ୍ତ ରସିକ କୃଷ୍ଣ
ମନେ ହୁଏ ଅବା—
ଚତୁରେଶ୍ୱର ବଂଶୀ ଯାର
ରନ୍ଧ୍ର ରନ୍ଧ୍ର ବାଜି ଉଠେ
ନୀଳ ତମାଳର ବନୁଁ
ଅଗଣିତ ଗୋପିକାର
ଛନ ଛନ ଉଚ୍ଛନ୍ନ ମନରେ ।।

Digitized by srujanika@gmail.com

ଏକ ଅଙ୍ଗ ଆରମ୍ଭିତେ
ଦୁଇ ରୂପ ବହି
ବସନ୍ତ ଉଡ଼ାଏ ନେତ
ବସନ୍ତ ଥରାଏ ଚିତ୍ତ
ବସନ୍ତ ହସାଇ ଦିଏ
ସସାଗରା ମହୀ;

ବସନ୍ତ ବଜାଏ ବଂଶୀ
ଜୀବନ ଯମୁନା କୂଳେ
ବୟସ କଦମ୍ବ ମୂଳେ
ରହି ରହି—
ଆଜି ରହି ରହି ॥

—o—

Digitized by srujanika@gmail.com

ଆଶ୍ଚର୍ଯ୍ୟ ଫଗୁଣ

ସୁନାର ଚଢ଼େଇ ଭଳି
ଆଶ୍ଚର୍ଯ୍ୟ ଫଗୁଣ ହସେ
ଆଖିରେ ତା' କେଉଁ ଦୂର
ଦିଗନ୍ତର ରଙ୍ଗ ;

ପଲାଶର ପର ଝାଡ଼ି
ପୃଥିବୀର ଶାଖାରେ ଶାଖାରେ
ଥରେ ଥରେ
ଗୁମୁରି ଉଠିଲେ
ଚଞ୍ଚଳ ଚଞ୍ଚଳ ଉଠେ
ମନର ତରଙ୍ଗ ।।

ଧରଣୀର ଧୂସରତା
ଆକାଶର ନୀଳିମାକୁ
ରୂପେଲି ଜହ୍ନରେ ଫେଣ୍ଟି
ଖୋଲାଇଲେ ଚକ୍ ମିକ୍—
ସୁନେଲି ଖଇରେ ;

Digitized by srujanika@gmail.com

ଯେ ରଙ୍ଗ ଝଲସି ଉଠେ
ସେ ରଙ୍ଗରେ ଡୁବ ଦେଇ
ଏ ଫଗୁଣ ଓଢ଼ଣା ଝାଡ଼େ
ନୂଆ କରି ହସୁଥିବା
କୁଆଁରୀ ମାଟିର କେଉଁ
ଛନ ଛନ ପଲାଶ ବନରେ ॥

ଶୀତର ପହଡ଼ ଭାଙ୍ଗି
ଫଗୁଣର ପକ୍ଷୀ ଉଡ଼େ……
ଓଠେ ତାର
ମନ ଥରା
ମଧୁ ଭରା
ବିଲମ୍ବିତ ସାନାଇର ସୁର ;

ସୁନାର ଚଢ଼େଇଟିଏ
ଧୂସର ପୃଥିବୀ ପରେ
ଥରେ ଥରେ
ଉଡ଼ଗଲ୍ ବେଳେ
କେହିକି ଦେଖିଛ କେବେ
ଜୀବନର ସାଦା କାଗଜରେ
ଆରମ୍ଭରୁ ଶେଷ ଯାଏଁ
ପଡ଼ିଥାଏ କେତେଗୋଟି
ହରରଙ୍ଗୀ ପେନ୍ସିଲର
ନାଲି ନେଳି ଗାର,
ଆଶା ଆଉ ନିରାଶାର
ପ୍ରେମ-ବିରହର ??

—୦—

Digitized by srujanika@gmail.com

ସମୁଦ୍ର : ଫଗୁଣ ଓ ଅପରାହ୍ଣ

ଝାଉଁରେ ପଣତ ଉଡ଼େ
ପଣତରୁ ଝରୁଛି ଫଗୁଣ
ଫଗୁଣର ରଙ୍ଗେ ଆହା
କି ରଙ୍ଗୀନ୍ ଏଇ ଝାଉଁବଣ ॥

ଝାଉଁବଣ ତଳେ ତଳେ
ବିଛାଇ ଏ ବାଲୁକାର ଶେଯ
ବାଲୁକାର ଶେଯ ଏକ
ଚିହ୍ନିତ ଯେ ପାଦର ମୁରୁଜ ॥

ଲାଲ୍ କଙ୍କଡ଼ାର ପାଦେ
ଅଙ୍କା ଏଥି ରୁଚିମନ୍ତ ଚିତ୍ର
ଗୁଡ଼ିକଙ୍କ ଉଡ଼ିଯାଏ
ଦିଗନ୍ତରେ ବଉଦର ଛତା ॥

Digitized by srujanika@gmail.com

ଆଗରେ ସମୁଦ୍ର ହସେ
ନୀଳଢେଉ ଭୂରୁକୁ ନଚ୍ଚଇ
ଫଗୁଣକୁ କୋଳ କରି
ଉଡନ୍ତି କି ସହସ୍ର ଚଢ଼େଇ !!

ସେ ପାଖେ ସମୁଦ୍ର ଆଉ
ଏ ପାଖରେ ନୀଳ ଝାଉଁବନ
ମଝିରେ ଧୂସର ବାଲି
ଧୂସର ଏ ମ୍ଲାନ ଅପରାହ୍ଣ ॥

ସମୁଦ୍ର ଓ ଝାଉଁବନ
ତା' ଭିତରେ ସେମାନେ କିଏ ସେ ?
ଫଗୁଣର ଫୁଲ ହୋଇ
ହସୁଛନ୍ତି ପ୍ରାଣର ମୁହାଁସେ ॥

ବେଣୀରେ ଆକାଶ ଝୁଲେ
ଚୂହାଣୀରେ ସମୁଦ୍ରର ଢେଉ
ଆଖିରେ ଆଖିରେ ଏକ
ଦିଆନିଆ ପ୍ରୀତିର ଚିଠାଉ !!

ସେମାନେ ହସନ୍ତି ଆଉ
ସେମାନେ ବି ଗାଉଛନ୍ତି ଗୀତ
ଶୂନଶାନ୍ ବାଲୁଚରେ
ସେମାନେ କି ସୁନାର କପୋତ !!

Digitized by srujanika@gmail.com

ସେମାନେ କି ସୂର୍ଯ୍ୟୋଦୟୁ
            ବୁଝନ୍ତିନ ସୂର୍ଯ୍ୟାସ୍ତର ଭାଷା
ସେମାନେ ବସନ୍ତ ଯଦି
            ଜାଣନ୍ତିକି ରୌଦ୍ରର ପିପାସା ??

ସେମାନଙ୍କ ପଣତରୁ
            ଆଜି ଯେବେ ଝରୁଛି ଫଗୁଣ
ଏ ଧୂସର ବାଲୁଚରରେ
            ଅପରାହ୍ଣ ଆତ୍ମା କି କରୁଣ !!

—o—

Digitized by srujanika@gmail.com

ବନସ୍ତେ ଲାଗିଛି ନିଆଁ

[ଏକ]

ବନସ୍ତେ ଲଗିଛି ନିଆଁ
ହୃଦରେ କି ଜଳୁଛି ବହ୍ନି ?
ନିଆଁର ତରଳ ଧାସେ
ଜଳି ଜଳି ଯାଉଅଛି ପୋଡ଼ି,
ପ୍ରାଗୈତିହାସିକ କେଉଁ
ପାହାଡ ବୁଢ଼ାର
ଧୂଆଁଳିଆ ନିଶ ଆଉ ଦାଢ଼ି ।

ଯାଉଅଛି ଜଳି ଜଳି
ଅରଣ୍ୟର କେଶ,
ନୀଳକଣ୍ଠର କ୍ରୋଧକଷାୟିତ ନୀଳ ଭ୍ରୂକୁଟୀରେ
ଏଇ କ'ଣ ବିଚ୍ଛୁରିତ ବହ୍ନିର ପ୍ରକାଶ ??

[ଦୁଇ]

ପାହାଡ଼ୀ ଅଜଗରର ବକ୍ରାୟିତ ଗତି ଭଳି
ନିଆଁ ଯାଏ ଚରି ଚରି
ପାହାଡ଼ରୁ ପାହାଡ଼ ଓ ବନସ୍ତରୁ ବନସ୍ତ,

Digitized by srujanika@gmail.com

ରାତ୍ରିର ନିଦାଘ ଅନ୍ଧକାରରେ
ଏଇ କ'ଣ ଅକାଳ ସୂର୍ଯ୍ୟୋଦୟ
ନା ଅକାଳ ସୂର୍ଯ୍ୟାସ୍ତ !!

ବସନ୍ତର ପତ୍ରଝର ଶେଷେ
ଏଇ କ'ଣ ମନ୍ଦ ମନ୍ଦ ଫଗୁଣର
ଫୁଟନ୍ତ ଫୁଲଝର
ନା, ଉଦ୍ଦଣ୍ଡ ଚୈତ୍ରର ଉଡନ୍ତ ଉଡ଼ସି ?
ରଙ୍ଗୀନ ଧଡ଼ିରେ ଯା'ର
ସୁନେଲି ଜରିର ବଚନ କୋଟିକମ
ଏବଂ, କେଉଁ ଏକ ନିପୁଣ କାରିଗରର
ନିଖୁଣ କାରିଗରୀ ॥

[ତିନି]

ପାହାଡର କଟିତଟେ
ରକ୍ତ ରକ୍ତ ଜଳୁଛି ବଣାଗ୍ନି,
ଲହଲହ ଶିଖା ତା'ର
ଜଳ ଜଳ ଛୁଉଁଛି ଆକାଶ,
ଇଏ କ'ଣ କେଉଁ ଏକ
ଦିଗ୍‌ବିଜୟୀ ସମ୍ରାଟର
ବିଜୟର ଶୁଭ ଅଗ୍ନ୍ୟୁତ୍ସବ,
ନା, ମାଳାଚଳେ ଝଲ୍ ମଲ୍ ରତ୍ନ ସିଂହାସନେ
ଚକାଡୋଳା କାଳିଆର
ମନୋରମ ମୁଗ୍ଧ ସୁନାବେଶ ?

Digitized by srujanika@gmail.com

[ଚାରି]

'ଇଏ କ'ଣ କେଉଁ ଏକ
ମାୟାବିନୀ ଅସୁରୁଣୀ ବୁଢ଼ୀ,
ନିର୍ଜନ ହୁଡ଼ାରେ ବସି
ଏକାନ୍ତରେ ଜାଳୁଛି ଦାହୁଡ଼ି ?

'ହାଟରୁ ଫେରନ୍ତା ଦୂର ବାଟୋଇର
ଚମକିତ ଆଖିର ଡୋଳାରେ
ଝଲସୁଛି ଦାଉ ଦାଉ
ସେ ନିଆଁର ଥେଇ ଥେଇ ନାଚ,

'କିମ୍ବା କେଉଁ ପାହାଡ଼ୀ ଜଙ୍ଗର
କୁନ୍ତୁ କୁନ୍ତୁ ନାଲ ଲହଣ୍ଣରେ
ପଡ଼ି ହେବ ଦାହୁଡ଼ିର ଗୁଞ୍ଜ
'ମନେ ହୁଏ ଧାଉଁଛନ୍ତି
ଲକ୍ଷ ଲକ୍ଷ ସୁନାକାଣ୍ଡି
ଆଲୋକର ମାଛ

'ବ୍ୟଗ୍ର ହୋଇ ଖାଳି ଏଣେ ତେଣେ;
ସେ ଘନ ବନସ୍ତ ତଳେ
ଏ ନିଶୂନ ରାତିର ଗହନେ !!

[ପାଞ୍ଚ]

'ବନସ୍ତେ ଲାଗିଛି ନିଆଁ
ଖେଳଯାଏ ଦାଗ୍‌ବଦାଗେ
ଚକ୍‌ମିକ୍‌ ଆଲୋକର କଣା,

Digitized by srujanika@gmail.com

ବନ୍ଧ ଆସି ଝର ଝର
ଝଲ୍‌ମଲ୍ ନିଆଁର ଝରଣା
ସୋରିଷ ଫୁଲର ପରି ବୁଣିଯାଏ
ପାହାଡ଼ର ଅଙ୍କା ବଙ୍କା ସବୁଜ ଗୁଚ୍ଛରେ
ଶୁନ୍‌ଶାନ୍ ଗହନ ରାତିରେ
ଥରଉଠେ ଅତର୍କିତେ
ନିଶାଚର ଚଢ଼େଇର ଡେଣା ।।

[ନଅ]

ଲୋହିତ ବନାଗ୍ନି ଯେବେ
ଜଳି ଜଳି ଘେରିଯାଏ
ଦିଗଛୁଆଁ ଅରଣ୍ୟ ମେଖଳା ;
ମନେ ହୁଏ ପାହାଡ଼କୁ
କେଉଁ ଏକ ଇସ୍ପାତ ନଗରୀ
ଅବା ଏକ ଋଦ୍ଧିମନ୍ତ
ରମ୍ୟ ଶିଳ୍ପପୁରୀ
ଧୂସର ଗଳାରେ ଯା'ର ଲମ୍ବି ଅଛି
ନିଅନ୍‌ର ଦୀପ୍ତ ମାଳାଲୋକ
ଆଉ ପୁଣି ଲକ୍ଷ ଲକ୍ଷ ତରଙ୍ଗିତ
ବିଦ୍ୟୁତର ମାଳା ।

ମନେ ହୁଏ ପୁଣି ଅବା
ସୁକୁମାରୀ କେ ରାଜ-କୁମାରୀ
ଏକାନ୍ତେ ରହିଛି ଚାହିଁ
ଦୂରାଗତ ପ୍ରିୟତମ ପାଇଁ
ବଉଦ ଛୁଆଁ ସେ କେଉଁ
ବିଜନ ସଉଧ ପରେ
ଶତ ଶତ ମଣିଦୀପ ଜାଳି ।।

Digitized by srujanika@gmail.com

[ସାତ]

ବନସ୍ତେ ଲଗିଛି ନିଆଁ
ଆଖିରେ କି ଲଗିଅଛି
ମାୟାର କୁହୁକ ?
ଅବା ସ୍ୱପ୍ନଲୋକ
ଯାଇଅଛି ଖୋଲି ?
ପଡ଼େ ନାହିଁ ଜଣା,

ସମ୍ମୁଖେ ଯେ ପ୍ରସାରିତ
ପ୍ରକୃତିର ଅନନ୍ତ ପ୍ରଗଣା,
ପ୍ରସାରିତ ଵିଗନ୍ତର ହାତ,
ପାହାଡ଼ର ମଥା,
ଅରଣ୍ୟର ଚୂଳ ଆଉ
ବଉଦର ଛତା,
ଅନନ୍ତ ଆକାଶ ଆଉ
ନକ୍ଷତ୍ରର ମେଳା,
ଏ ସବୁକୁ ସ୍ତବ୍ଧ କରି
ରହିଯାଏ ଯାହା
ତାହା କ'ଣ ହୁଡ଼ର ବିହୁଡ଼ି ଜଳା
ବନସ୍ତର ନିଆଁ ?
ଅବା କେଉଁ ହାଟଫେରା ବାଟୋଇର
ସଚକିତ ବିମୁଗ୍ଧ ଆଖିରେ
ସ୍ୱପ୍ନରେ ପଶିଲା
ସବୁକିଛି ଦେଖିବାର
ଅଭିନବ ଯାଦୁକରୀ କଳା ??

—o—

Digitized by srujanika@gmail.com

କିଛି ଚିନ୍ତା ନାହିଁ

ସବୁ ହେଲା,
ତଥାପି ବି କିଛି କିନ୍ତୁ
ବାକି ରହିଗଲା,
ବାକି ଯା’ ରହିଲା ରହୁ,
ଥାଉ କାଲି ପାଇଁ
କିଛି ଚିନ୍ତା ନାହିଁ ॥

ସବୁ ହେଲା,
କମନୀୟ କବରୀର କାରୁକାର୍ଯ୍ୟ
ଏବଂ
ରମଣୀୟ ତନୁସଜ୍ଜା ଶେଷ ହେବା ପରେ
ଯଥାସ୍ଥିତ ଥାଉ ଯଥାକାଳେ
ଚିବୁକରେ ତିଳଚିହ୍ନ
ଆଙ୍କିବାକୁ ବାକି ରହିଗଲା,

ବାକି ଯା’ ରହିଲା ରହୁ
ଥାଉ କାଲି ପାଇଁ
କିଛି ଚିନ୍ତା ନାହିଁ ॥

Digitized by srujanika@gmail.com

ସବୁ ହେଲା,
'ରଜନୀ ଗନ୍ଧାର' ପରି ସ୍ନିଗ୍ଧ ସାଦା ଦେହେ
ଚକ୍ ଚକ୍ ଜରିଦିଆ
କଳାଶାଢ଼ୀ ବେଶ୍ ବି ମାନିଲା,

ତଥାପି ତୁମର ନୀଳ
ଆପ୍ଲୁତ ଆଖିର ଝରେ
କଜଳର ସରୁରେଖା
ଟାଣୁ ଟାଣୁ ଧୀରେ ଧୀରେ
ଅଧା ଆସି ଅଧା ରହିଗଲା,

ବାକି ଯା' ରହିଲା ରହୁ
ଆଉ କାଲି ପାଇଁ
କିଛି ଚିନ୍ତା ନାହିଁ ॥

ସବୁ ହେଲା,
ନରମୀ ଅଧରେ ତୁମ
ମରମୀ ହସର ଫୁଲ
ସରମୀ ଆଖିର ହ୍ରଦେ
ନୀଳକଇଁ କାମନାର
ମାପିଚୁପି ଠିକ୍ ବି ଫୁଟିଲା,

ତଥାପି ଯା' ହେବା କଥା
ଠିକ୍ ହେଲା ନାହିଁ
ମନକୁ ଛୁଇଁବ ପୁଣି
ଛୁଇଁତ ପାରିଲା ନାହିଁ

Digitized by srujanika@gmail.com

ଯେମିତିକ ଆଉକଛୁ
ବାକ ରହିଗଲା,

ବାକି ଯା' ରହିଲା ରହୁ
ଥାଉ କାଲି ପାଇଁ
କଛୁ ଚିନ୍ତା ନାହିଁ ॥

ସବୁ ହେଲା,
'ଆଜ' ପୁଣି 'କାଲି' ହୋଇ
ଲକ୍ଷ ଲକ୍ଷ 'କାଲି'ରେ ମିଶିଲା,
'କାଲି' କନ୍ତୁ 'ଆଜ' ହେଲା ନାହିଁ
'କାଲି' ସେଇ 'କାଲି'ରେ ରହିଲା,

ବାକ ଯା' ରହିଲା ରହୁ,
ଥାଉ କାଲି ପାଇଁ
କଛୁ ଚିନ୍ତା ନାହିଁ ॥

—o—

Digitized by srujanika@gmail.com

କୁହୁ

ଗୋଟିଏ ଆଖିରେ ଅନେକ ଗୃହାଣୀ
ଗୋଟିଏ ଆକାଶେ ଅନେକ ତାରା ;
ଗୋଟିଏ ପ୍ରାଣରେ ଅନେକ କାହାଣୀ
ଗୋଟିଏ ନଦୀର ଅନେକ ଧାରା ।

ଗୋଟିଏ ଶାଖାରେ ଅନେକ ପକ୍ଷୀ
ଗୋଟିଏ ଲତାରେ ଅନେକ ଫୁଲ ;
ଗୋଟିଏ ସାଗରେ ଅନେକ ଲହରୀ
ଗୋଟିଏ ପ୍ରେମର ଅନେକ ମୂଲ ।

ଗୋଟିଏ କଣ୍ଠେ କୋଟିଏ ରାଗିଣୀ
ଗୋଟିଏ ଜୀବନେ ଯାତନା ବହୁ ;
ଗୋଟିଏ ରେଖାରେ ଅନେକ ବିନ୍ଦୁ
ଗୋଟିଏ ଦେହରେ ଅନେକ ଲହୁ ।

Digitized by srujanika@gmail.com

ଗୋଟିଏ ମନରେ ଲକ୍ଷେ କାମନା
ଗୋଟିଏ ହୃଦୟେ ସ୍ୱପ୍ନ ଶତ ;
ଗୋଟିଏ କଥାର ଅନେକ ଅର୍ଥ
ଗୋଟିଏ ଧରାରେ ଅନେକ ପଥ ।

ଗୋଟିଏ ଫୁଲରେ ଅନେକ ପାଖୁଡ଼ା
ଗୋଟିଏ ଗଛରେ ଅନେକ ଶାଖା ;
ଗୋଟିଏ କାରାରେ ଅନେକ ବନ୍ଦୀ
ଗୋଟିଏ ବାଟରେ ଅନେକ ଦେଖା ।

ଗୋଟିଏ ପାଦରେ ଅନେକ ଛନ୍ଦ
ଗୋଟିଏ ପଦର ମର୍ମ୍ମ ବନ୍ଧ
ଗୋଟିଏ କାନନେ ଅନେକ ଗନ୍ଧ
ଗୋଟିଏ ହସରେ ଅନେକ ମନ୍ତ୍ର ।

ଗୋଟିଏ ବୁକୁରେ ଅନେକ ସୋହାଗ
ଗୋଟିଏ ମୁକୁରେ ଅନେକ ମୁହିଁ ;
କିନ୍ତୁ ଗୋଟିଏ ହାତରେ କାହିଁକି
ଗୋଟିଏ ଚାପୁଲ ବନ୍ଦୀ କୁହ ? ?

—o—

Digitized by srujanika@gmail.com

ଫୁଲ ଓ ଅଙ୍ଗାର

ଅନେକ ଦିନ ତଳେ
ଜୀବନର ସ୍ୱପ୍ନିଳ ପ୍ରଭାତରେ
ହାତକୁ ମୋର ବଢ଼ାଇ ଦେଇଥିଲା
ଗୋଟିଏ ଫୁଲ ;

ସ୍ୱପ୍ନରେ ଛଳ ଛଳ
ଦୀପ୍ତିରେ ଝଲମଲ
ଗୋଟିଏ ସୁନ୍ଦର ସତେଜ ଫୁଲ ॥

କିନ୍ତୁ—ଅନେକ ଦିନ ପରେ
ଜୀବନର ମଳିନ ସନ୍ଧ୍ୟାରେ
ମୁଁ ଦେଖୁଛି
ସ ଦିନର ସେହି ଫୁଲ,
ସତେଜ—ସୁନ୍ଦର ଫୁଲ,
ଆଜି ଜଳିଜଳି
ପାଲଟି ଯାଇଛି
ମୁଠାଏ ଅଙ୍ଗାର
ମୁଠାଏ ବିବର୍ଣ୍ଣ ଅଙ୍ଗାର ॥

Digitized by srujanika@gmail.com

ତେଣୁ ଆଜି
ଯଦି ପାରୁଛ
ହାତକୁ ମୋର ବଢ଼ାଇ ଦିଅ
ମୁଠାଏ ଅଙ୍ଗାର
ମୁଠାଏ ବିବର୍ଣ୍ଣ ମଳିନ-ଅଙ୍ଗାର ।।

ସୂର୍ଯ୍ୟାସ୍ତ ପୂର୍ବରୁ
ମୋ ହାତର ସ୍ପର୍ଶରେ
ସେ ହୁଏତ ପାଲଟି ଯିବ
ଆଗାମୀ ପ୍ରଭାତର
ଗୋଟିଏ ଫୁଲ ;

ସ୍ୱପ୍ନରେ ଛଳ ଛଳ
ଦିପ୍ତିରେ ଝଲମଲ
ଗୋଟିଏ ସୁନ୍ଦର ସତେଜ ଫୁଲ ।।

—o—

Digitized by srujanika@gmail.com

ତାହାପରେ ଅନ୍ଧକାର

ତାହାପରେ ଅନ୍ଧକାର ...

ତେଣୁ ଆଜ
ଭଲ କର
ମନ ଭର
କପେ ହେଲେ ସୁଆଦଆ କଫି ପିଆ ଯାଉ ॥

ତାହାପରେ ଅନ୍ଧକାର...

ତେଣୁ ଆଜ
ବସି ବସି
ହସି ହସି
ଦୁଇପଦ ସ୍ନେହବୋଲ
ମନଖୋଲି ଖୁସିଗପ ହେଉ ॥

ତାହାପରେ ଅନ୍ଧକାର...

ତେଣୁ ଆଜ
ବଗିଚାରେ
ଯତନରେ
କେତେ ଗୋଟି ଲାଲ୍ ଲାଲ୍
ଗୋଲାପର ଗଛ ଲଗାଯାଉ ॥

—o—

Digitized by srujanika@gmail.com

ସବୁ ହଜିଗଲା ପରେ

ସବୁ କିଛି ହଜିଗଲା
ନାହିଁ କିଛି ବାକି
ତଥାପି ତା' ମିଟି ମିଟି
ଲ୍ଲେଁଠ ଦୁଇ ଆଖି ।

ଆଜି ବି ତ ତାରା ଭଳି
ଜୁଳୁ ଜୁଳୁ ଜଳେ
ଏ ମନର ସୀମାହୀନ
ଆକାଶର ତଳେ ।

ସେ ଆଲୋକେ ବେଳେବେଳେ
ଉତ୍ତୀର୍ଣ୍ଣ-ଯୌବନ
ହଠାତ୍ ପାଲଟି ଯାଏ
ଶୈଶବର ଦିନ ।

Digitized by srujanika@gmail.com

ଥର ଥର ତା' ଓଠର
ନାଲି ନାଲି ହସ
ଏବେ ବି ରଙ୍ଗୀନ କରେ
ମନର ଆକାଶ ।

ଅନନ୍ତ ଶୈଶବ ନେଇ
ସେ କି ବିହଙ୍ଗମ
ଦେହର ସୀମାନା ଡେଇଁ
ବିଦେହର ସମ—

ଛୁଇଁ ଯାଏ ପୃଥିବୀରୁ
ଆକାଶର ଛାତି
ଦପ୍ କରି ଜାଳି ଦେଇ
ବିଷାଦର ବର୍ତ୍ତି ।

ହଜିଗଲା ପରେ ଯାହା
ରହିଗଲା ବାକି
ଗୋଟିଏ ହସିଲା ଓଠ
ଗ୍ଳେଠ ଦୁଇ ଆଖି ।

—୦—

Digitized by srujanika@gmail.com

ନିର୍ଜନତା

(ଏକ)

ବେଳେବେଳେ ନିଃସଙ୍ଗତା ଭଲ ଲାଗେ
ଖୁବ ଭଲ ଲାଗେ
ଭଲ ଲାଗେ ନିର୍ଜନତା, ଏବଂ ତାର ଶବ୍ଦହୀନ
ଲଳିତ କାକଳି,
ଯେତେବେଳେ ସ୍ମୃତି ଏକ କଅଁଳା ବାଛୁରୀ ଭଳି
ନାଚି ନାଚି ଡେଇଁଥାଏ ଦୂରରୁ ଦୂରକୁ
ଏବଂ ପୁଣି ଫେରୁଥାଏ କେଉଁଠାଣି ଖରା ଭଳି
ଏ ମନର ଦିଗନ୍ତଜ୍ଞା ଶୂନ୍ୟ ପ୍ରାନ୍ତରକୁ ॥

(ଦୁଇ)

ନିଃସଙ୍ଗତା ବେଳେବେଳେ ଭଲ ଲାଗେ
ଖୁବ୍ ଭଲ ଲାଗେ
ସୂର୍ଯ୍ୟୋଦୟରେ, ସୂର୍ଯ୍ୟାସ୍ତରେ ବା ବିଷଣ୍ଣ ସନ୍ଧ୍ୟାରେ,
ଖାଁ ଖାଁ ଦ୍ୱିପ୍ରହରେ, ଅବା ପୁଣି ସାଇଁ ସାଇଁ
ଘନଘୋର ରାତିର ଅନ୍ଧାରେ
ଭଲ ଲାଗେ ଠିଆ ହୋଇ ରହିବାକୁ ଚୁପ୍ ଚାପ୍
କେଉଁ ବୁଢ଼ା ବରଗଛ ତଳ
ଅତୀତକୁ ଆଶ୍ରା କରି, ସ୍ମୃତିର ବାଡ଼କୁ ଧରି
ଶୂନ୍‌ଶାନ୍ ଅଚଳନ୍ତରୀ ବଳର ମଝିରେ ॥

Digitized by srujanika@gmail.com

(ତିନ)

ଭଲ ଲାଗେ ବେଳେବେଳେ ନିଃସଙ୍ଗତା
ଆଉ ନିର୍ଜନତା
ଯେତେବେଳେ ମନେହୁଏ ଏତେ ବେଶୀ ସାନ୍ନିଧ୍ୟରେ
କିବା ପ୍ରୟୋଜନ !
କିବା ପ୍ରୟୋଜନ ପୁଣି ଏତେବେଶୀ ବନ୍ଧୁତାରେ,
ଏତେବେଶୀ ଘନିଷ୍ଠ ହେବାରେ
ପରସ୍ପର ସହ,
କାରଣ ଯେଉଁଠି ଯେତେ ବନ୍ଧୁତା ଓ ଆତ୍ମୀୟତା
ସେତେ ତହିଁ ପ୍ରବଞ୍ଚନା, ସେତେ ବେଶୀ
ଠକିବାର ଚରମ ଆଗ୍ରହ ॥

(ଚାରି)

ନିର୍ଜନତା ଭଲ ଲାଗେ, ଭଲ ଲାଗେ ନିଃସଙ୍ଗତା,
ତେଣୁ ବେଳେ ବେଳେ
ଗତାନୁଗତିକ ଏକ ଅବସନ୍ନ ଜୀବନର
ପ୍ରାତ୍ୟହିକ କୋଳାହଳ ତେଜି
ଏ ଶୂନ୍ୟ-ସଞ୍ଚାରୀ ମନ ଆଶ୍ରା ଖୋଜେ
ବସିବାକୁ ନିର୍ଜନତା ବୃକ୍ଷର ଡାଳରେ,
ନିଃଡ଼ହରା ଏକାକିନୀ କପୋତୀଟି ପ୍ରାୟେ ଅବା
ଉଡ଼ିବାକୁ ଚାହେଁ ଦୂର
ନୀଳନୀଳ ଦିଗନ୍ତ କିନାରେ ॥

—୦—

Digitized by srujanika@gmail.com

ବିଭଙ୍ଗ ଦର୍ପଣ

ମୁଁ ଯେବେ ନିଜକୁ ନିଜେ
ଦେଖୁଥିଲି ମୋର ଦୁଇ ସନ୍ତୁଷ୍ଟ ନୟନେ,
ଆପଣା ରୂପରେ ଯେବେ
ଆପେ ମୁହିଁ ହଜୁଥିଲି,
ଆପଣା ରୂପରେ ଯେବେ
ଆପେ ପୁଣି ମୁଗ୍ଧ ହେଉଥିଲି,
ସେତେବେଳେ ଠିକ୍ ସେତେବେଳେ
ହଠାତ୍ ହାତରୁ ଖସି
ଦର୍ପଣଟା ଖଣ୍ଡ ଖଣ୍ଡ ହେଲା,
ଏବଂ ତା' ସାଥେ ହେଲା
ଚୂର୍ଣ୍ଣ ମୋର
ସମଗ୍ର ବ୍ୟକ୍ତିତ୍ୱ ଏବଂ ଆତ୍ମ-ଅଭିମାନ !!

ତା'ପରେ ମୁଁ କୌତୁହଳୀ
କେଉଁ ଏକ ଜିଦ୍ଖୋର ଶିଶୁ ଭଳି
ଆରମ୍ଭିଲି ଯେତେବେଳେ
ଯୋଡ଼ିବାକୁ ଦର୍ପଣର ପ୍ରତିଟି ଭଗ୍ନାଂଶ

Digitized by srujanika@gmail.com

ସେତେବେଳେ
ସେ ସ୍ୱଚ୍ଛ-ସ୍ୱଚ୍ଛ ଦର୍ପଣ
ମୋତେ ଦେଖି ହସୁଥିଲା ଖାଲି,

ଆଜି ତା'ର
ଏଣେ ତେଣେ ବିଚ୍ଛୁରିତ
ପ୍ରତିଟି ଭଗ୍ନାଂଶେ
ବିମ୍ବିତ ମୋ ଖଣ୍ଡିତ ବ୍ୟକ୍ତିତ୍ୱ
ମୋ ଆଡ଼କୁ ହାତ ଠାରି
ହସୁଥିଲା ଶାଣିତ ବିଦ୍ରୂପେ,

ଏବଂ ଏକ ଖର୍ପରକ ଦୃଷ୍ଟିରେ
ଅନାଇ ଅନାଇ
କରୁଥିଲା ଉପହାସ
ତୀବ୍ର ଉପହାସ ॥

—o—

Digitized by srujanika@gmail.com

ପାହାଡ଼

କେଉଁ ପ୍ରାଗୈତିହାସିକ କାଳରୁ
ମୌନୀ ସନ୍ୟାସୀ ଭଳି
ଦେହରେ ଧଳା ବାଦଲର ବିଭୂତି ବୋଳି
ଅଦୂରରେ ବସି ରହିଛି ପାହାଡ଼
ଧ୍ୟାନମଗ୍ନ ପାହାଡ;
ଅଚଳ ଓ ଅଟଳ ॥

ଆଗରେ ତାର ଜଳୁଛି
ପିଙ୍ଗଳ ବନାଗ୍ନିର କୈଳାସ ଧୂନି ॥

ପୃଥିବୀର ସକଳ ଧୃତି
ଜମାଟବନ୍ଧା ପଥର୍ ହୋଇ
ପଡ଼ି ରହିଛି ଏଣେ ତେଣେ ॥

ବିଶ୍ୱର ସକଳ କରୁଣା
ବିଗଳିତା ଝରଣା ହୋଇ
ନାଚି ନାଚି ଝରି ଆସୁଛି ॥

ଆଉ ପାହାଡ଼ର ମଥା ଉପରେ
ହିମଶିଖାର ଜହ୍ନ
ଭ୍ରମ ସୃଷ୍ଟି କରୁଛି
ଜଟାଜୁଟ ଈଶ୍ୱରର ॥

—o—

Digitized by srujanika@gmail.com

ଖେଳ

ଫଗୁଣ ସକାଳର କଅଁଳ ଖରାରେ
ପିଲା ଦୁଇଟି ଖେଳୁଛନ୍ତି
ଖୁବ୍ ଆଗ୍ରହରେ ।।

ହାରଜିତ୍‌ର ପ୍ରଶ୍ନ ନାହିଁ
ଖେଳ ଏବଂ ଖେଳ,
ଖେଳିବାର ପ୍ରବଳ ନିଶାରେ
ସେମାନେ ଯେମିତି
ମତ୍ତ ଓ ପାଗଳ ।।

'ଗୋଟି-ଡ଼ାବଲ'ର କାଠିରେ
ସତେ ଅବା
ଛିଟିକି ପଡ଼ୁଛି ସମୟ
ଚହଲି ଯାଉଛି ବୟସ ;
ପିଲା ଦୁଇଟିର ଉଜ୍ଜ୍ୱଳ ମୁହଁରେ
ଖେଳି ବୁଲୁଛି ଦୁଷ୍ଟାମୀର ହସ ।।

Digitized by srujanika@gmail.com

ପୂର୍ବ ଦିଗର ସୂର୍ଯ୍ୟ
ପଶ୍ଚିମକୁ ନଇଁ ଆସିଲେ
ସେମାନେ ଠିକ୍ ମାପି ପାରିବେ
ବିଳମ୍ବିତ ସମୟର ଧୈର୍ଯ୍ୟ ;
ସେମାନେ ଠିକ୍ କଳି ପାରିବେ
ଓଜନିଆ ବୟସର ସ୍ଥୈର୍ଯ୍ୟ ॥

କିନ୍ତୁ—
'ଗୋଟି ଡ଼ାବଲ'ର କାଠି
ସେତେବେଳକୁ କଣ
ଆଉ
'ଗୋଟି ଡାବଲ'ର କାଠି ହୋଇ ଥିବ ?
ସେ ହୁଏତ ପାଲଟି ଯାଇଥିବ
ପଶାଖେଳର ଗୋଟି ॥

—o—

Digitized by srujanika@gmail.com

ହଳଦୀ ବସନ୍ତ

ବସନ୍ତର ହଳଦୀ ବୋଳି ହୋଇ
ଦୂର ପାହାଡ଼ରୁ ଉଡ଼ି ଆସିଲେ
ଦୁଇଟି ହଳଦୀ ବସନ୍ତ,
ଏବଂ ଘୂରି ବୁଲିଲେ
ଏ ଡାଳରୁ ସେ ଡ଼ାଳ
ସେ ଡ଼ାଳରୁ ଏ ଡ଼ାଳ ।।

ସେମାନଙ୍କ ଲୋଭମୟ ଆଖିରେ
ଏ କଣ ?
କାମନାର କଜଳ,
ନା ସ୍ନେହର ସୁର୍ମା ??

ପହିଲି ଫଗୁଣର ଯୋଡ଼ି ମହୁରି
ବାଜିବା ଆଗରୁ,
ବରବେଶ—କନ୍ୟାବେଶ
ସାଜିବା ଆଗରୁ,
ମଙ୍ଗଳନର ହଳଦୀ ମାଖି ସାରି
ସେମାନେ କ'ଣ ଉଡ଼ି ଆସିଛନ୍ତି
କେଉଁ ଦୂର ଦେଶର
ରଜାପୁଅ ନା ରଜାଝିଅ ?
ନା କେଉଁ ବାଟଭୁଲା ପ୍ରେମିକ-ପ୍ରେମିକା ??

Digitized by srujanika@gmail.com

ସେମାନେ ଉଡ଼ୁଁ ଉଡ଼ୁଁ ଉଡ଼ିଗଲେ
ମାଟିରୁ ଆକାଶ ଆଡ଼କୁ ॥

ଟୁପ୍ ଟାପ୍ ଝର ପଡ଼ିଲ
ଦୁଇଟି ହଳଦିଆ ପତ୍ର ॥

କିନ୍ତୁ ମୋ ନୀଳ ଆଂଖିର ଆକାଶରେ
ସେମାନେ ଭରି ଦେଇଗଲେ
ବସନ୍ତର ହଳଦୀ
ନା ଝରାପତ୍ରର ପାଣ୍ଡୁରତା ??

—o—

Digitized by srujanika@gmail.com

ଛେଳି ଛୁଆ

ଛନଛନିଆ ଛେଳଛୁଆଟିଏ
କ'ଣ ଭାବିଲା କେଜାଣି
ଡ଼େଇଁ ଡେଇଁ ଆସି
ଘଷି ହେଲା ମୋ ଦେହରେ;
ଆଉ ତା'ର ଝାଉଁସିଆ ଜିଭରେ
ଗୃଟିବାକୁ ଲାଗିଲା ମୋର ପାଦ ॥

କିନ୍ତୁ
ନିସ୍ପୃହତାର ସେହି ମୂର୍ତ୍ତିମନ୍ତ ଜୀବଟି
କ'ଣ ଜାଣିଥିଲା ସେ
ଏହି ପାଷାଣ-ରୁକ୍ଷ ଦେହରେ ନାହିଁ
କଅଁଳ ଘାସର କୋମଳତା
ବା ସବୁଜ ପତ୍ରର ରସାଳତା ।

ସବୁ ଯେମିତି ନୀରସ ଓ ଶୁଖିଲା
ଧୂ-ଧୂ ମରୁବାଲି ॥

Digitized by srujanika@gmail.com

ଛେଳଛୁଆଟିର ଚକଣିଆ ନରମ ଦେହକୁ
ଆଗ୍ରହରେ ଆଉଁଷି ଆଉଁଷି
ଅନୁଭବ କଲି
ମୁଁ ବି ଯେମିତି ପାଲଟି ଯାଇଛି
ଗୋଟିଏ ନରମ ଛେଳଛୁଆ ;

ଆଉ, ମୋ ମନର ଅନ୍ଧାରି ଗୁହାରେ
ଅବିରତ ଗର୍ଜନ କରୁଥିବା
ଆଦିମ ହିଂସ୍ରତାର ମଖମଲି ବାଘ
ହଠାତ୍ ଯେମିତି କେଉଁ ଯାଦୁକରର
କାଉଁରି କାଠିରେ
ପାଲଟି ଯାଇଛି
ସବୁଜ ନଈପଠାର କଅଁଳିଆ ଘାସ ।।

—୦—

Digitized by srujanika@gmail.com

ତାଳଗଛ

ଶୁନ୍‌ଶାନ୍ ବିଲ ମଝିରେ
ଠିଆ ହୋଇଛି
ଗୋଟିଏ ତାଳଗଛ,
ଢେଙ୍ଗା ତାଳଗଛ ॥

ବୈଶାଖର ଧୂ ଧୂ ଖରାରେ
ଜଳୁଛି ଦିଗନ୍ତ
ଜଳୁଛି ଆକାଶ
ଜଳୁଛି ପୃଥିବୀ ॥

ପ୍ରଖର କିରଣର
ଶାଣଦିଆ ବର୍ଚ୍ଛାରେ ବିଦ୍ଧ
ତାଳଗଛଟି
ବାହୁଙ୍କାର ଉଦ୍ୟତ ବାହୁ ତୋଳି
ବୀର ବିକ୍ରମରେ ଠିଆ ହୋଇଛି
କାଳ-ପୁରୁଷ ଭଳି;
ଯେମିତିକି
ସୂର୍ଯ୍ୟ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତ ॥

Digitized by srujanika@gmail.com

କିନ୍ତୁ, ଦିନ ଯାଇ ରାତି ହେଲେ
ଚନ୍ଦ୍ରମା ଚୁମ୍ବନ କରିବ ତା'ର ଅଧର;

କୁଆଁରି ତାରାମାନେ
ଆଖିମାରି
ମୁରୁକି ହସି
ଝୁଲି ପଡ଼ିବେ ତା'ର ଗଳାରେ ;

ଆଉ ଜ୍ୟୋତ୍ସ୍ନା !
ଧୋବ ଫରଫର ସାଦା ରୁମାଲରେ
ପୋଛି ଦେବ ତା'ର କ୍ଲାନ୍ତ ମୁହଁ ;
ଏବଂ ଲେପିଦେବ
ଶୀତଳତାର ସ୍ନିଗ୍ଧ ପ୍ରଲେପ
ତା'ର ଜର୍ଜରିତ ସମଗ୍ର ଦେହରେ ;

କାରଣ
"ବୀରଭୋଗ୍ୟା ବସୁନ୍ଧରା" ॥

—o—

Digitized by srujanika@gmail.com

ଝରାପତ୍ର

ସବୁଜ ଶାଖାର ଦୋଳି ଖେଳ ଛାଡ଼ି
କାହିଁକି ଝରି ପଡ଼ିଲ
ହେ ପତ୍ରଝର ଝରାପତ୍ର ??

ଆକାଶର ନୀଳ ଆଲିଙ୍ଗନ ଠାରୁ
କ'ଣ ଅଧିକ ମଧୁର
ଅଧିକ ପ୍ରୀତିକର
ଧୂସର ଧରାର ଚୁମ୍ବନ ??

ବିଗତ ବସନ୍ତରେ
ତୁମେ ଯେତେବେଳେ
ଲାଜରେ ଜଡ଼ସଡ଼ ନୂଆବୋହୂଟି ପରି
ଗୋଲାପୀ ଶାଢ଼ୀରେ ସାଜି ହୋଇ
ଆସିଥିଲ
ସେତେବେଳେ ତ ତୁମ ପାଇଁ
ବାଜି ଉଠିଥିଲା
ଲକ୍ଷ ଲକ୍ଷ ମଧୁକରର
ମଧୁଗୁଞ୍ଜନର ସାହାନାଇ ;

Digitized by srujanika@gmail.com

ଆଜି କାଲୁ
ନୀରବରେ ଝରିଗଲା ବେଳେ
ପଉଷର ଉଦାସ ଆଖିରେ କାହିଁକ
ଶିଶିରର କରୁଣ ଅଶ୍ରୁ ??

ହେ ଝରାପତ୍ର !
ପଉଷର ଝରାପତ୍ର !!
ତୁମେ ଝରିଯିବା ଆଗରୁ
ମୋ ପାଇଁ କ'ଣ ରଖିଗଲ
ନୀଳ ଆକାଶର ଆଲିଙ୍ଗନ
ନା, ଧୂସର ଧରାର ଚୁମ୍ବନ ??

—o—

Digitized by srujanika@gmail.com

ମଧୁମିତା

ତୁମକୁ ଛୁଇଁଲେ
ଆକାଶକୁ ଛୁଇଁ ହୁଏ ।

ତୁମକୁ ଚୁମ୍ବନ କଲେ
ସୂର୍ଯ୍ୟକୁ ଚୁମ୍ବନ କରିହୁଏ ।

ତୁମକୁ ଆଲିଙ୍ଗନ କଲେ
ସାଗରକୁ କରିହୁଏ ଆଲିଙ୍ଗନ ॥

କାରଣ
ତୁମର କୁଞ୍ଚିତ କେଶରେ
ଆକାଶର ଅନନ୍ତ ନୀଳିମା,

ତୁମର ଅଧୀର ଅଧରେ
ସୂର୍ଯ୍ୟର ଆରକ୍ତ ରକ୍ତିମା,
ତୁମର ଲଳିତ ତନୁରେ
ସାଗରର ବିଚିତ୍ର ଭଙ୍ଗିମା ॥

ଅଥଚ
ତୁମେ ଆକାଶ ନୁହଁ
ତୁମେ ସୂର୍ଯ୍ୟ ନୁହଁ
ତୁମେ ସାଗର ନୁହଁ ।

ତୁମେ ମଧୁମିତା,
ସୁନ୍ଦରୀ ମଧୁମିତା ॥

—୦—

Digitized by srujanika@gmail.com

ପ୍ରେମାଗ୍ନି

ହାତ ପାପୁଲିରେ
ନିଆଁକୁ ଧରିବା
ହୁଏତ ସହଜ,
କିନ୍ତୁ, ହୃଦୟରେ
ପ୍ରେମକୁ ଧରିବା
ଏତେ ସହଜ ନୁହେଁ ।

ବଡ଼ କଠିନ
ବଡ଼ ଦୁଃସାଧ ।।

କାରଣ
ନିଆଁ ଜଳିଲେ
ଜଳିବ ଦେହ,
କିନ୍ତୁ
ପ୍ରେମ ଜଳିଲେ
ଜଳିବ ହୃଦୟ ।।

Digitized by srujanika@gmail.com

ନିଆଁ ଜଳିଲେ
ଜଳି ଜଳି ଲିଭିବ,
ଆଉ
ଲିଭି ଲିଭି ପାଉଁଶ ହେବ ।

କିନ୍ତୁ ପ୍ରେମ ଜଳିଲେ
ପ୍ରଖର ହେବ
ତା'ର ତେଜ,
ଆହୁରି ତେଜସ୍ୱାନ୍ ହେବ
ତାର ଶିଖା ।।

ତେଣୁ
ଚିତାଗ୍ନିରେ ଜଳି ଜଳି
ପାଉଁଶ ହେବା ଠାରୁ
ପ୍ରେମାଗ୍ନିରେ ଜଳି ଜଳି
ଉଜ୍ଜ୍ୱଳ ହେବା
କ'ଣ ଅଧିକ ଶ୍ରେୟ ନୁହେଁ ?
ନୁହେଁ କଣ ଅଧିକ ଶୁଭଙ୍କର ??

—O--

Digitized by srujanika@gmail.com

ମିନି

ଏ ଯୁଗ, ମିନିର ଯୁଗ
ଅସୀମର ସମାପ୍ତି ଭିତର,
ବିରାଟତ୍ୱ ଖର୍ବ ହୁଏ
ବାମନର ପଦ ତଳେ ଆଜି,
କଲେଇର ଓଜନେ ହୁଏ
ମହାକାବ୍ୟ ନବ ମୂଲ୍ୟାୟନ,
ହୋମର-ବାଲ୍ମୀକି-ବ୍ୟାସ
କାଳିଦାସ-ମିଲଟନ-
ଆଖି ତଳେ ତଳ ତଳ
ଛଳଛଳ ଅଶ୍ରୁର ପ୍ଳାବନ ।।

ଶେଷ ଅଙ୍କ ଅଭିମୀତ
ବହୁ ବହୁ ମହାନାଟକର,
ମିନି ନାଟକରେ ଆଜ
ଏ ଯୁଗର ଜୀବନ ବର୍ଣ୍ଣିତ,

Digitized by srujanika@gmail.com

ସଭ୍ୟତାର ଶ୍ୱେତପତ୍ର
ଲେଖା ହୁଏ ମିନି-ବ୍ଲାଉଜରେ
ମିନି ସ୍କାର୍ଟ ତଳେ ପୁଣି
ଲୁକ୍କାୟିତ ଅଙ୍ଗ ଯେତେ
ସଙ୍ଗୀ-ସାଥୀ ନାଗରେ ନାଚନ୍ତି ॥

ମିନି ! ମିନି !
ସବୁ ଏଇ ଶତାବ୍ଦୀରେ
ମିନି ହେବା ପରେ
ଗୋଟିଏ ପ୍ରାର୍ଥନା ଆଜି,
ପ୍ରାର୍ଥନା ଗୋଟିଏ :
ମଣିଷର ମନ ଆଜି
ହୃଦୟ ଯେମିତି
କମି କମି ଅବଶେଷେ
କେଉଁ ଦିନ 'ମିନି' ତ ନହୁଏ !!

—o—

Digitized by srujanika@gmail.com

ମେଘକନ୍ୟା

ତୁମର
ମୟୂରୀ କଣ୍ଠରେ
ବନ୍ଦୀ—ବଜ୍ର,

ତୁମର
ଚକିତ ଚକ୍ଷୁରେ
ଚମକିତ—ବିଦ୍ୟୁତ୍ ।

ଅଥଚ
ବିଗଳିତ ବକ୍ଷରେ
କରୁଣାର ସିନ୍ଧୁ,

ହୃଦୟରେ ଝର ଝର
ବରଷାର ବିନ୍ଦୁ ॥

—o—

Digitized by srujanika@gmail.com

ବିଦ୍ୟୁତ୍

ବଉଦର ଦୁର୍ଭେଦ୍ୟ ଦୁର୍ଗରୁ
ଏକ ବିଦ୍ରୋହୀ ସେନାପତି ଭଳି
ଶାଣିତ ଖଡ୍‌ଗ ଧରି
ପୃଥିବୀକୁ
ହଠାତ୍ ତୁମର ପ୍ରବେଶ
ଏବଂ ହଠାତ୍ ତୁମର ପ୍ରସ୍ଥାନ ।

ମଝିରେ କେବଳ
ମୁହୂର୍ତ୍ତକ ପାଇଁ
ଜମାଟବନ୍ଧା
ଅନ୍ଧାର ବିରୁଦ୍ଧରେ
ତୁମର ବଜ୍ର କଣ୍ଠରେ ଦୃପ୍ତ ଆହ୍ୱାନ
ଓ ଅଗ୍ନିକ୍ଷରା ସଶସ୍ତ୍ର ସଂଗ୍ରାମ ।।

—o—

Digitized by srujanika@gmail.com

ପ୍ରଶ୍ନ

ଶ୍ରାବଣ !
ତୁମର ଯାଦୁକରୀ ସ୍ପର୍ଶରେ
ରୁକ୍ଷ ପାହାଡ଼ ଆଜି
ନୀଳ ରଙ୍ଗର ପୋଷାକ ପିନ୍ଧି
ଝଲମଲ୍ ॥

ତୁମର ମଧୁକରୀ ଚୁମ୍ବନରେ
ଧୂସର ଧରଣୀ ଆଜି
ଶସ୍ୟର ସବୁଜ ସ୍ୱପ୍ନରେ ମସ୍‌ଗୁଲ ॥

ତୁମର ସ୍ନେହ ସ୍ନିଗ୍ଧ ଆଲିଙ୍ଗନରେ
ବିବର୍ଣ୍ଣ ବନସ୍ତ ଆଜି
ଶ୍ୟାମଳ ଚନ୍ଦନାରେ ଅପରୂପା ॥

କହୁ କୁହ !
କାହାର ଯାଦୁକରୀ ସ୍ପର୍ଶ,
କାହାର ମଧୁକରୀ ଚୁମ୍ବନ,
ଓ କାହାର ସ୍ନେହ-ସ୍ନିଗ୍ଧ ଆଲିଙ୍ଗନରେ
ଏହି ରୁକ୍ଷ ଓ ଧୂସର ଜୀବନ
ହେବ
ଶାନ୍ତ ଓ ଶୀତଳ
କାନ୍ତ ଓ କୋମଳ,
ସ୍ନିଗ୍ଧ ଓ ସତେଜ
ସରସ ଓ ସବୁଜ ??

—o—

Digitized by srujanika@gmail.com

ଆଖିର ଭାଷା

ମୁହଁର ଭାଷା ମୁଁ ସିନା
ଶୁଣିଅଛୁ ଅବରତ
ଏଇ ମୋର ଦୁଇ ମୁଗ୍ଧ କାନେ,

ଆଖିର ଭାଷା ମୁଁ କନ୍ତୁ
ପଢ଼ିଅଛୁ ନୀରବରେ
ହୃଦୟର ଏକାନ୍ତ ଗୋପନେ ।

—୦—

Digitized by srujanika@gmail.com

ନିର୍ବୋଧର ସ୍ୱର୍ଗ

ବୁଦ୍ଧି ଦେଇ
ତୁମେ ମୋତେ ନିର୍ବୋଧ କରିଦେଲ ।

ଜ୍ଞାନ ଦେଇ
ତୁମେ ମୋତେ ଅଜ୍ଞାନ କରିଦେଲ ।

ଯୌବନ ଦେଇ
ତୁମେ ମୋତେ ଉଦ୍ଧତ କରିଦେଲ ।।

ତେଣୁ ମୋର
ବୁଦ୍ଧି ଲୋଡ଼ା ନାହିଁ
ଲୋଡ଼ା ନାହିଁ ଜ୍ଞାନ,
ଲୋଡ଼ା ନାହିଁ ଅପରୂପ ଅନନ୍ତ ଯୌବନ;

ମାତ୍ର ମୋର
ଗୋଟିଏ ପ୍ରାର୍ଥନା,
ନିର୍ବୋଧର ସ୍ୱର୍ଗ ରାଜ୍ୟେ
ମୋତେ ଏବେ କରିଦିଅ ରାଜା ।।

—୦—

Digitized by srujanika@gmail.com

ଆକାଶ : ଦୁଇଟି ମୁହୂର୍ତ୍ତର

ଦୁଇଖଣ୍ଡ କଳା ବଉଦର
ସରୁ ସରୁ ଭୂରୁ ଭିତରେ ବନ୍ଦୀ
ଆଶ୍ୱିନର ନୀଳାକାଶ
ଏକ ସଦ୍ୟ-ଯୌବନା ଷୋଡ଼ଶୀର
ନୀଳ-ନୟନ ଭଳି ମନେ ହେଲା ;

ଆଜ ତା'ର ଠିକ୍ ଉପରକୁ ଉଠି ଆସୁଥିବା
ପୂର୍ଣ୍ଣିମୀର ନିଟୋଳ ଜହ୍ନ
ମନେ ହେଲା
ଯେମିତି ତା'ର ସ୍ନିଗ୍ଧ କପୋଳର
କୁଙ୍କୁମ ଟୀକା ,

ଯେଉଁଥିରେ
ଅନେକ ସ୍ୱପ୍ନ ଆଉ ସମ୍ଭାବନାର
ଗୋଲାପୀ ସଂକେତ ॥

ଟିକିଏ ଆତ୍ମ ବିଭୋର ହୋଇ
ସେହି ଆକାଶ-ସୁନ୍ଦରୀର
ପ୍ରେମରେ ପଡ଼ିବା ପୂର୍ବରୁ

Digitized by srujanika@gmail.com

ମେଘଖଣ୍ଡ ଦୁଇଟି ହଠାତ୍ ଭାସିଯାଇ
ଜହ୍ନର କୁଙ୍କୁମ ଟୀକାଟିକୁ
ପୋଛି ଦେଲେ ।

ଠିକ୍ ପର ମୁହୂର୍ତ୍ତରେ ମନେ ହେଲା
ଆକାଶ ଯେମିତି
ଏକ ସଦ୍ୟ-ବିଧବା ସୁନ୍ଦରୀ,

ଆଉ ମାଇଲ ମାଇଲ ବ୍ୟାପୀ
ବିଛୁରିତ ମ୍ଳାନ-ଜ୍ୟୋତ୍ସ୍ନା
ତା'ର ବିଲମ୍ବିତ ଶ୍ୱେତ-ଉତ୍ତରୀ ;

ଯେଉଁଥିରେ
ଅନେକ କିଛି ହରାଇବାର
ଅସ୍ପଷ୍ଟାଚ୍ଛନ୍ନ ପାଣ୍ଡୁର ହତାଶା ॥

—o—

Digitized by srujanika@gmail.com

ନଗ୍ନ ହୁଅ ! ମଗ୍ନ ହୁଅ !!

ନଗ୍ନ
ହୁଅ ;
ମଗ୍ନ
ହୁଅ—
ଏ ଦେହର
ଉଦ୍‌ବେଳିତ
ତାମସ-ସିନ୍ଧୁରେ ।

ମଗ୍ନ
ହୁଅ ;
ଲଗ୍ନ
ହୁଅ—
ଏ ମନର
ଉଦ୍ଭାସିତ
ଆଲୋକ-ବିନ୍ଦୁରେ ॥

Digitized by srujanika@gmail.com

ମୁଗ୍ଧ
ହୁଅ ;
ଦଗ୍ଧ
ହୁଅ—
ଏ ଦେହର
ଉଦ୍ଦୀପିତ
ଘୀବ୍ର ହୁତାଶନେ ।

ଦଗ୍ଧ
ହୁଅ ;
ସ୍ନିଗ୍ଧ
ହୁଅ—
ଏ ମନର
ସୀମାହୀନ
ଜ୍ୱଳନ୍ତ ଅଙ୍ଗନେ ॥

—୦—

Digitized by srujanika@gmail.com

ଅବାଞ୍ଛିତ ପ୍ରଭୁଙ୍କ ଉଦ୍ଦେଶ୍ୟରେ

ରହି ରହି ଘଣ୍ଟାଧ୍ୱନି ହେଲା
ସେ ଧ୍ୱନିର ତରଙ୍ଗରେ
ଚହଲିଲା ରକ୍ତର ସମୁଦ୍ର ;
ଉଠିଲା ବୃକ୍ଷ ବୁଦ୍ଧ ଝଡ଼
ଉଦ୍‌ବେଳିତ ଲକ୍ଷ ଭୁଜଙ୍ଗର ;
ଶେଷ ହେଲା ଯୋଗନିଦ୍ରା
'ପ୍ରଭୁ'ଙ୍କର ଭାଙ୍ଗିଲା ପହଡ଼ ॥

ରୁଦ୍ଧ ଦ୍ୱାର ଫିଟି ଗଲା
ତାହାପରେ କରପଦ ଯୋଡ଼ି
ଆଣ୍ଠୁ ମାଡ଼ି ବସିବା ଭଙ୍ଗୀରେ
ସ୍ନାନ ସାରି ରକ୍ତର ସମୁଦ୍ରେ
ବିଜେ କଲେ ମହାପ୍ରଭୁ
ଜପି ଜପି ଆଦିମ ଓଁକାର ;
ସାକ୍ଷାତ ସେ ଅ.ଦତ୍ୟ-ପୁରୁଷ ॥

'ପ୍ରଭୁ' ବୋଲି ମୁଁ କି ଜାଣିଥିଲି !
ହାତେ ଧରି ଖଡ୍‌ଗ ଏକ
ବସିଥିଲି କରିବାକୁ ଚରମ ନିଷ୍ପତ୍ତି ;

Digitized by srujanika@gmail.com

କାରଣ ମୋ ଶତ ଚେଷ୍ଟା
ଶତ ମନ୍ତ୍ର —
ଯନ୍ତ୍ର-ତନ୍ତ୍ର ପରେ
ନ ମରି ସେ ଶଇତାନ୍
(ଯେଉଁ ନାମେ 'ପ୍ରଭୁ'ଙ୍କୁ ମୁଁ
ଜାଣିଥିଲି ସେବେ)
ଅତର୍କିତେ ଦ୍ୱାର ଖୋଲି ଭିତରେ ପ୍ରବେଶି
ଲୁଚିଥିଲା ରକ୍ତର-ସମୁଦ୍ରେ ॥

ସିଏ କଣ କମ୍ ଅବ୍ୟାପାର !
ଯେପରି କୋଟିଏ କଂସ ଗୋଟିଏ ରୂପରେ
ଏଇ ମୋର ହୃଦୟ ଭିତରେ
ବସା ବାନ୍ଧି ଲୁଚିଥିଲେ
ଏକାନ୍ତ ଗୋପନେ ;
ଏବଂ ମୁହିଁ
ସେମାନଙ୍କ ପ୍ରବୃତ୍ତିର ଚରିତାର୍ଥ ପାଇଁ
ନିଷ୍ପାପ ଗୁଗଲ ଭଳି
ବିବେକର ବେକ ମୋଡ଼ି
ହାତେ ଧରି ବିଷକାଠି ଏକ
ଦେଇଥିଲି ଅର୍ଘ୍ୟ ଓ ନୈବେଦ୍ୟ ॥

ଜନ୍ମ ଠାରୁ ମୃତ୍ୟୁର ଦୂରତ୍ୱ
କେତେ ଦୀର୍ଘ ପଥ
ଜାଣେନା ମୁଁ ତଥା ;
ଏବଂ ଏହି
ଘୁଣଖିଆ ସମାଜର ନଇଁଣିଆ ଅର୍ଥନୀତି
ଆଉ ପୁଣି ଦେହ ପାଇଁ ଦେହର ଆହ୍ୱାନ—
ଭିତରେ ଦୋଦୁଲ୍ୟମାନ
ଅସହାୟ ପେଣ୍ଡୁଲମ୍ ଟିଏ
କପରି ବୁଝିବ ପ୍ରଭୁ ତୁମର ମହିମା ??

Digitized by srujanika@gmail.com

"ସୁଖ ଓ ସମୃଦ୍ଧି ପାଇଁ
ଦୁଇଗୋଟି ସନ୍ତାନ ଯଥେଷ୍ଟ"
ଏ ଅନୁଶାସନ ପରେ
ପ୍ରତିଷ୍ଠିତ ଜୀବନାଦର୍ଶୀ ମୁଁ
କପରି ବୁଝିବି ଅବା
ରହସ୍ୟ ତୁମର ?

ମୋତେ ତୁମେ କ୍ଷମା କର
ତୁମେ ମୋତେ ମୁକ୍ତ ଦିଅ 'ପ୍ରଭୁ' !!

ଏ କଂସର ସିଂହଦ୍ୱାରେ
କାହିଁକି ଆସିଲ କହ
ଆସିଲ କାହିଁକି ?
ଏଠାରେ ଯମୁନା ନାହିଁ
କଦମ୍ବର ଫୁଲ ଫୁଟେ ନାହିଁ,
ବଇଁଶୀରେ ସୁର ଦେଲେ
ସେ ସୁରରୁ କାହାର କରୁଣ—
କ୍ରନ୍ଦନର ଧ୍ୱନି ଉଠି
ଦିଗନ୍ତରୁ ଦିଗନ୍ତେ ମିଳାଏ,
ଲୁହର ସମୁଦ୍ରେ ଏଠି
ପ୍ରାଣର ବୋଇତ ଭାସେ
ମୃତ୍ୟୁ ଦିଏ ଜୀବନର ସ୍ୱପ୍ନ ॥

କାହିଁକି ଆସିଲ 'ପ୍ରଭୁ'
ଅଣାକାରେ ହେ ଶୂନ୍ୟ-ପୁରୁଷ ?
ତୁମକୁ ମୁଁ
ଡାକିତ ନଥିଲି !

Digitized by srujanika@gmail.com

ପୂର୍ଣ୍ଣତାର ଅବତାରେ
ସୌମ୍ୟମୂର୍ତ୍ତି ଧରି
ହେ ଆଦି-ପୁରୁଷ ତୁମେ
କାହିଁକି ଆସିଲ ?

ତୁମେ କଣ ଜାଣି ନାହିଁ
କୋଠରୀରେ ସ୍ଥାନ ନାହିଁ ଆମ
ଜାଗା ନାହିଁ ଶେଯରେ ଆମର,
ଭୂଲୁଣ୍ଠିତ ଜୀର୍ଣ୍ଣ ମଶାରୀରେ
ଆମର ସାମ୍ରାଜ୍ୟ ଦେଖ
ଧ୍ୱସ୍ତ ଓ ବିଧ୍ୱସ୍ତ ପୁଣି,
ଶତଚ୍ଛିନ୍ନ ପରଦାରେ
ଉଡ଼େ ଆମ ଦିଗ୍‌ବିଜୟୀ
ଦୈନ୍ୟର କେତନ ॥

କାହିଁକି ଆସିଲ ପ୍ରଭୁ
ଆସିଲ କାହିଁକି ?
ତୁମର ମଣୋହି ପାଇଁ
ସର ଓ ଲବଣୀ ନାହିଁ ;
ତୁମର ନୈବେଦ୍ୟ ପାଇଁ
ବଗିଚୁରେ ଫୁଲ ଫୁଟୁ ନାହିଁ ;
କେବଳ ବିଦଗ୍ଧ ଏହି
ହୃଦୟର ମରୁ-ପ୍ରାନ୍ତରରେ
ଲକ୍ଷ ଲକ୍ଷ ନାଗଫେଣୀ—
କଣ୍ଟାର ରାଜତ୍ୱ ॥

Digitized by srujanika@gmail.com

କାହିଁକି ଆସିଲ ପ୍ରଭୁ
ତୁମକୁ ମୁଁ ଖୋଜୁ ନଥିଲି ;
ସେଦିନର ତାମସୀ-ଅନ୍ଧାରେ
ବରଂ ଓଗାଳି ଥିଲି
ତୁମର ବାଟ ମୁଁ ;

କିନ୍ତୁ ତମେ ଯେତେବେଳେ
ମୋର ଅଜ୍ଞାତରେ
ଖସିଯାଇ ଅଣାକାର ରୂପେ
ବଣ୍ଣାମିଳ ରକ୍ତର ସମୁଦ୍ରେ ;
ତାପରେ ମୁଁ
କେତେ ଚେଷ୍ଟା ନ କରିଛି 'ପ୍ରଭୁ'
ଚପିବାକୁ ତଣ୍ଟି ତୁମ
କରିବାକୁ ହତ୍ୟା ଯେ ତମକୁ ।।

କିନ୍ତୁ ମୋର ସବୁ ଚେଷ୍ଟା, ସକଳ ଆୟାସ,
ଆଗାମୀର ସବୁ ସ୍ୱପ୍ନ, ସକଳ ପ୍ରୟାସ,
ବ୍ୟର୍ଥ କରି ଯେବେ ତୁମେ
ଆବିର୍ଭୂତ ହେ !
ମନ୍ଦିରର ଘଣ୍ଟା ଧ୍ୱନି ପରେ
ହଠାତ୍ ଆସି ଉଭା ହେଲ
ମୋହର ଅଗଣେ
ମୁଁ ଦେଖିଲି ତୁମର ଅଧରେ
ସେହି ହସ, ସେହି ସ୍ମିତ
ନେଇ ତୁମ ସେ ବାର୍ତ୍ତା-ଗୃହାଶ୍ରୀ,
ଏବଂ ମୁଁ ଶୁଣିଲି ସେହି ମଧୁର ଦରେଣି
ଲକ୍ଷ ଲକ୍ଷ ବର୍ଷ ଧରି
ଦେଖିଛି ମୁଁ, ଶୁଣିଛି ଯା'
ଯୁଗେ ଯୁଗେ ଜନ୍ମ ଜନ୍ମାନ୍ତରେ ।।

Digitized by srujanika@gmail.com

ଅବାଞ୍ଛିତ 'ପ୍ରଭୁ' ମୋର !
ତୁମେ ଆସି ସମ୍ମୁଖେ ମୋ
ଉଭା ହେବା ପରେ
ମୋ ହାତୁ ଖସିଛି ଖଡ୍‌ଗ
ମୋ ଆଖିରୁ ତୁଟିଛି କାଳିମା,
"ସୁଖ ଓ ସମୃଦ୍ଧି" ମୋର ଲୋଡ଼ା ନାହିଁ
ଲୋଡ଼ା ନାହିଁ ବଶ୍ୟନାରୀ—
ସୌନ୍ଦର୍ଯ୍ୟ ବା ରୂପର ଗାରିମା ।
ହେଲେବି ମୁଁ ତୁମର ଜନକ,
ମୁଁ ନବୋଧ—ଅସହାୟ
ଭୀରୁ—କାପୁରୁଷ
ବହୁ ଦିନ ବହୁ ରାତି ପରେ
ପାରିନାହିଁ ଜଣି ମୁଁ ନିଜକୁ
ଜାଣି ନାହିଁ ଭଲ କରି
ଆପଣାକୁ ଆପେ ।।

ମୋ କୃତକର୍ମର ପାଇଁ
ତୁମେ ମୋତେ କ୍ଷମା କର,
କ୍ଷମାକର ପ୍ରଭୁ !
ମୋତେ ତୁମେ ମୁକ୍ତି ଦିଅ
ଦଗ୍‌ଧିଭୂତ ହୃଦୟର
ସନ୍ତାପିତ ଶତ ଯନ୍ତ୍ରଣାରୁ,
ମୁକ୍ତି ଦିଅ ତୁମେ ମୋତେ
କାମନାର ଲେଲିହାନ ଦାବାଗ୍ନି ଶିଖାରୁ ପୁଣି
ଏ ଦେହର ଚକ୍ରବ୍ୟୂହ
ଅନ୍ଧକାର ଚନ୍ଦ୍ରବନ୍ଧନୀରୁ ।।

—୦—

Digitized by srujanika@gmail.com

ବର୍ଷା

ସାରା ରାତି ଧରି କାଳି
ବର୍ଷା ହେଲା ; ପ୍ରଚୁର ବର୍ଷଣ,
ପ୍ରଚଣ୍ଡ ବେଗରେ ପୁଣି
ସାଇଁ ସାଇଁ ବହିଲା ପବନ ॥

ସମୁଦ୍ରେ ଉଠିଲା ଝଡ଼
ଝଡ଼ ପୁଣି ପାହାଡ଼ ଚୂଡ଼ାରେ,
ଜହ୍ନ ମୁହଁ ଫିକା ହେଲା
ଆଲୁବାଲୁ କଳା ବଉଦରେ ॥

ପଦ୍ମକଳି ବ୍ୟସ୍ତ ହେଲେ
ଝାଉଁବଣ ଥରି ଥରି ଗଲା,
ସାରା ରାତି ଧରି କାଳି
ବର୍ଷା ହେଲା, ଘରି ବର୍ଷା ହେଲା ॥

ସକାଳୁ ହଠାତ୍ କିନ୍ତୁ
ବର୍ଷା ନାହିଁ ଯାଇଛି ନୀରବ,
ବଜ୍ର ନାହିଁ ବିଜୁ ନାହିଁ
ବାଜୁ ନାହିଁ ଝଡ଼ର ପୂରବୀ ॥

ସବୁ ବେଶ୍ ଚୁପ୍ ଚୁପ୍
ସବୁ ବେଶ୍ ନୀରବ ନିଥର,
ଗହନ ସମୁଦ୍ରେ କିନ୍ତୁ
ବାଜୁଅଛି ବର୍ଷାର ନୂପୁର ॥

—o—

Digitized by srujanika@gmail.com

ବନ୍ୟା

ଯାହାହେଉ ଅବଶେଷେ
ତମେତ ଆସିଲ
ଭଲହେଲା, ଖୁବ୍ ଭଲହେଲା ;
ଦୀର୍ଘକାଳ ଧରି ସିନା
ମୁଁ ତମର ଅପେକ୍ଷାରେ ଥିଲି ;
ଅପେକ୍ଷା ନକରି ଅବା
ଆଉ କଣ ପାରିଥାନ୍ତି କରି ?

ଅବଶ୍ୟ ଆସିବା ତମ
ନିଶ୍ଚିତଇ ଥିଲା,
କାରଣ ଯେହେତୁ ଖୁବ୍ ପ୍ରଚୁର ବର୍ଷଣ
ହୋଇଥିଲା ଏଇମାତ୍ର କିଛିକ୍ଷଣ ଆଗୁଁ,
ଆଉ — ଆକାଶର ମାଳମାଳ
ଭୂରୁକୁ କମ୍ପାଇ
ଘନଘନ ବର୍ଷା ହେବା
ତୁମ ଶୁଭାଗମନର
ପୂର୍ବାଭାସ ନିଶ୍ଚୟ ନୁହେଁକି ??

Digitized by srujanika@gmail.com

ଯାହାହେଉ ଅବଶେଷେ
ଏତେକ୍ଷଣ ପରେ
ତୁମେତ ଆସିଲ ଏବଂ
ମୋତେ ମୁକ୍ତ କଲ
ଅସମ୍ଭବ ଦାରୁଣ ଦହନୁ,
ଶାନ୍ତ କଲ ଜ୍ୱଳନର ଅସହ୍ୟ ଉତ୍ତାପ ।

ଚୈତ୍ର ଆଉ ବୈଶାଖର ଅନ୍ତେ
ଜ୍ୟେଷ୍ଠ ଓ ଆଷାଢ ଯାଇ
ଶ୍ରାବଣତ ଆସିଥିଲା,
କିନ୍ତୁ କାହିଁ ଏତେଦିନ
ତୁମରତ ଦେଖାଇ ନଥିଲା ?

ତୁମେ କଣ କେଉଁ ଏକ
ଯାଦୁକର କାଉଁଶ କାଠିରେ
ମନ୍ତ୍ର-ମୁଗ୍ଧ ହୋଇ ଯାଇ
କୁହୁକ ପେଡ଼ିରେ ତାର
ନିଶ୍ଚିନ୍ତରେ ପଡ଼ିଥିଲ ଶୋଇ ?
ଆଉ, ଦାରୁଣ ଦହନ ପରେ
ଘନଘନ ପ୍ରଚୁର ବର୍ଷଣେ
ହଠାତ୍ ନିଦରୁ ଉଠି, ଅଜସ୍ର ପ୍ଲାବନେ
ତୃପ୍ତକଲ କ୍ଷୀଣକଟୀ ନଗ୍ନା ତଟିନୀରେ,
ଏତେ କ୍ଷଣ ଧରି ଯିଏ ଶୀର୍ଣ୍ଣ କଳେବରେ

Digitized by srujanika@gmail.com

କ୍ଷୁଧାକ୍ରାନ୍ତ ଅଜଗର ଭଳି
ଅନଶନେ ଶୋଇଥିଲା ମଗ୍ନ-ଅଚେତନେ,
ଏବଂ ତମେ ଆସିବା ଉତ୍ତରୁ
ଅପୂର୍ବ ପୁଲକେ ସିଏ ଫୁଲି ଫୁଲି
କୂଳ ଲଙ୍ଘି ବହୁଥିଲା ଉଚ୍ଛଳ ତରଙ୍ଗେ ॥

ତମେ ଯେ ଆସିଲ ଆଜ
ଭଲହେଲା, ଖୁବ୍ ଭଲହେଲା,
ହୁଏତ ନ ଆସିଥିଲେ
ଏ ସାଲ ଏ ନଈକୂଳେ
ଏତେ ବେଶୀ ଫସଲ ବ ଫଳନ୍ତ ନଥାନ୍ତା
କଖାରୁ, ଫୁଟିବ ନଥାନ୍ତା ଫୁଲ
ଲାଉ, ତରଭୁଜ ଆଉ
ଛନଛନ କଖାରୁ ଲଟାରେ ;
ଗାଇବ ନଥାନ୍ତେ ପକ୍ଷୀ ନାନାନ୍ ଜାତର
ମଧୁରଆ ମଧୁରଆ ଆଖୁ କଆରୀରେ ॥

"ବନ୍ୟା ବନ୍ୟା ଚତୁର୍ଦ୍ଦିଗେ ପ୍ରଳୟ ପ୍ଲାବନ
ଲକ୍ଷ ଆର୍ତ୍ତକଣ୍ଠ ଡାକେ ରଖ ନାରାୟଣ"
ଏ ବନ୍ୟା ତମେତ ନୁହଁ
ମୁଁ ଜାଣିଛି ଖୁବ୍ ଭଲ କରି,

Digitized by srujanika@gmail.com

ତୁମେ ସେଷ୍ଟ ବନ୍ୟା ପିଏ
ଅସହ୍ୟ ଉତ୍ତାପୁ ମୋତେ
ଧୀରେ ଧୀରେ ମୁକ୍ତ କର
ଏ ଦେହକୁ କରପାର ଶାନ୍ତ ଓ ଶୀତଳ ।

ଶୀର୍ଣ୍ଣକାୟା ତଟିମାନଙ୍କୁ
ଅନାୟାସେ ପୂର୍ଣ୍ଣ କର
ଅସମ୍ଭବ ଶିହରଣେ
ଅପୂର୍ବ ପୁଲକେ ତାଙ୍କୁ
ତୃପ୍ତ କରପାର,
ଆଉ, ଡାକ ଆଣି ପାର ପୁଣି
ଘନଘନ ଅଜସ୍ର ପ୍ଳାବନେ
ଫୁଲ ଆଉ ଫଳର ପାର୍ବଣ ।

ତେଣୁ
ମୋ ପାଇଁ – ନଈ ପାଇଁ
ଫୁଲ-ଫଳ-ଫସଲର ପାଇଁ
ଦୀର୍ଘଦିନ ଧର ପୁଣି
ମୁଁ ତମର ଅପେକ୍ଷାରେ ଥିବ ॥

—o—

Digitized by srujanika@gmail.com

ମୁଁ ଚାଲିଯିବା ପରେ

ମୁଁ ଏଠାରୁ ଚୁଲିଯିବା ପରେ
ମୋ କଣ୍ଠର ସ୍ୱରଲିପି
ସତରେ କ'ଣ ହଜିଯିବ
ଶବ୍ଦହୀନ କେଉଁ ଶୂନ୍ୟତାରେ ?
ଅବା ତାହା ଧନୁ ଧନ
ନୂଆ ରୂପ ଧରି
ଆଗାମୀ ଶିଶୁର କଣ୍ଠେ
ରହି ରହି ଉଠିବ ଗୁଞ୍ଜରି ??

ମୁଁ ଏଠାରୁ ଚୁଲିଯିବା ପରେ
ଏହି ମୋର ଦୃପ୍ତ ପଦଧ୍ୱନି
ସତରେ କ'ଣ ମିଶିଯିବ
ସୀମାହୀନ କେଉଁ ଚକ୍ରବାଳେ ?
ଅବା ତାହା ନୂଆ ରୂପେ
ରୂପାନ୍ତର ଲଭି
ଅନାଗତ ମଣିଷର ପଦେ
ମୁଞ୍ଜରିତ ନବପତ୍ର ପରି
ଆଉ ଥରେ ଉଠିବ ପଲ୍ଲବ ??

Digitized by srujanika@gmail.com

ମୁଁ ଏଠାରୁ ଚାଲିଯିବା ପରେ
ମୋ ଚକ୍ଷୁର ଚକିତ ଚାହାଣୀ
ସତେ କ'ଣ ଲିଭିଯିବ
କେଉଁ ଦୂର ଘନ ଅନ୍ଧକାରେ ?
ଅବା ତାହା ଆକାଶର
ହୋଇ ଶୁକତାରା
ନିର୍ଜନ ରାତିରେ ଜଳି
ପ୍ରଭାତର ଦେବତ ଈଶାରା ॥

ମୋ ମନର ଯେତେ ସ୍ୱପ୍ନ
ମୁଁ ଏଠାରୁ ଚାଲିଯିବା ପରେ
ସତେ କ'ଣ ଝରିଯିବ
ବ୍ୟର୍ଥତାର କେଉଁ ବାଲୁଚରେ ?
ଅବା ତାହା ତଳ ତଳ ନୀଳପଦ୍ମ ଭଳି,
ନୀରବେ ଉଠିବ ଫୁଟି
ଚିରନ୍ତନ ଆଶାରେ ଉଜଳି ॥

ମୋ କଣ୍ଠର ସ୍ୱରଲିପି
ମୋ ପାଦର ଲୁପ୍ତ ପଦଧ୍ୱନି
ମୋ ମନର ଯେତେ ସ୍ୱପ୍ନ
ମୋ ଆଖିର ଯେତେକ ଚାହାଣୀ ;
ମୁଁ ଏଠାରୁ ଚାଲିଯିବା ପରେ
ଜାଣିଛି ମୁଁ ହଜିବନି, ହଜିବନି କେବେ
ମହାକାଳ ଅରନ୍ଧ୍ର ଅନ୍ଧାରେ ॥

Digitized by srujanika@gmail.com

ଏହି ମହା-ଧରଣୀରେ
କେବେହେଲେ କିଛିକ ହଜଇ ?
ଯାହାକୁ ହଜାଇ ଦେଉଁ
ଆସେ ପୁଣି ତାହା ନୂଆ ହୋଇ ।
ହଜିଯାଏ ଯାହା ହଟେ
ପାଇବାର ନୂତନ ଆନନ୍ଦେ
ସେ ପୁଣି ଆସଇ ଫେରି
ନବ ନବ ରୂପ-ରସ-ଛନ୍ଦେ ॥

ତେଣୁ ମୋର ବିଦାୟରେ ଦୁଃଖ ନାହିଁ
ନାହିଁ ଦୁଃଖ ତିଳେ
କାରଣ ଜାଣିଛି ମୁହିଁ
ମୁଁ ଏଠାରୁ ଚାଲିଯିବା ପରେ
ହଟେ ପୁଣି ଆସିବି ମୁଁ ଫେରି,
ପ୍ରଭାତ ତାରାର ହସେ
ନୀଳପଦ୍ମ ନୟନ ବିଳାସେ
ଶିଶୁର ଲଳିତ କଣ୍ଠେ
ତଉଦଗ ମୁଖରିତ କରି ॥

ଫେରି ମୁଁ ଆସିବି ପୁଣି
ପୃଥିବୀର ପଥେ ପଥେ
କୋଟି କୋଟି ମଣିଷର
ପଦଶବ୍ଦ ମନ୍ଦ୍ରିତ ଝଂକାରେ—
ସହସ୍ର ଶତାବ୍ଦୀ ଧରି ;
ମୁଁ ଏଠାରୁ ଚାଲିଯିବା ପରେ ॥

—o—

Digitized by srujanika@gmail.com